୬ ▶ ୨୦୨୬ ବିଶ୍ୱକପରେ ଗୋଲଡେନ ବୁଟ ପୁରସ୍କାରରୁ ବଞ୍ଚିତ ହୋଇପାରନ୍ତି ମେସି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା
The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୬୯ ● ୧୯ ଜୁଲାଇ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-169 ● 19th July 2026, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

# ଆଜିଠୁ ଭକ୍ତ ପାଇବେ ଆଡ଼ପ ଅବଢ଼ା

ପୁରୀ, ୧୮ ।୭
ନ୍ୟୁଜ୍ ବ୍ୟୁରୋ



ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ରଥ ଉପରେ ସନ୍ଧ୍ୟାଧୂପ ପରେ ଆଡ଼ପ ବିଜେ ନୀତି ଆରମ୍ଭ ହୋଇଥିଲା । ଶ୍ରୀଜୀଉ ମାନେ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଛନ୍ତି । ପ୍ରଥମେ ଶ୍ରୀ ସୁଦର୍ଶନ, ପରେ ଶ୍ରୀ ବଳଭଦ୍ର ଆଡ଼ପ ମଣ୍ଡପକୁ ବିଜେ କରିବାପରେ ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ଆଡ଼ପ ପହଣ୍ଡି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ରବିବାର ଠାରୁ ଆଡ଼ପ ଦର୍ଶନ ସାଙ୍ଗକୁ ଭକ୍ତ ଆଡ଼ପ ଅବଢ଼ା ପାଇପାରିବେ । ନବଦିନାତ୍ମକ ରଥଯାତ୍ରା ଉତ୍ସବରେ ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ସପ୍ତାହେ ବ୍ୟାପୀ ଅବସ୍ଥାନ କରିବେ। ଜନ୍ମବେଦିରେ ଲୀଳା ରଚିବେ । ଯାହାକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ଅନ୍ୟ ଏକ ନିଦର୍ଶନ ।

ଅନୁକୂଳ ପାଗ ଯୋଗୁଁ ଶ୍ରୀକ୍ଷେତ୍ରକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶରଧାବାଲିରେ ରଥାରୁଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ । ପହଣ୍ଡି ସମୟରେ ଘଣ୍ଟ ଘଣ୍ଟା, ବିଜେ କାହାଳୀ, ଶଙ୍ଖର ଧ୍ୱନୀ ସାଙ୍ଗକୁ ଭକ୍ତଙ୍କ ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା ଗଗନ ପବନ । ପୁରି ଉଠିଥିଲା ଶରଧାବାଲି । ରଥ ଉପରେ ସନ୍ଧ୍ୟାଧୂପ ପରେ ଆଡ଼ପ ବିଜେ ନୀତି ଆରମ୍ଭ ହୋଇଥିଲା। ପରେ ବଡ ସିଂହାର ବେଶ କରି ପହୁଡ ହୋଇଥିଲା। ରବିବାର ଠାରୁ ଜନ୍ମବେଦିରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ । ରବିବାର ଠାରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡ଼ପ ଅବଢ଼ା ଉପଲବ୍ଧ ହେବ। ଶ୍ରୀଜୀଉଙ୍କ ଆଡ଼ପ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି।

ଘୋଷଯାତ୍ରାର ଦ୍ୱିତୀୟ ଦିନରେ ଶୁକ୍ରବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଅପରାହ୍ନ ୩ଟା ସୁଦ୍ଧା ଲାଗିଥିଲା ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ। ତିନି ରଥ ଚତୁଃପାର୍ଶ୍ୱରେ କର୍ଡ଼ନ କରାଯାଇଛି। ସଶସ୍ତ୍ର ପୋଲିସ ବାହିନୀ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁରୀ ସହରର ବିଭିନ୍ନ ସ୍ଥାନ ସମେତ ବଡଦାଣ୍ଡ, ରଥ ଚାରିପାଖ, ସମୁଦ୍ର କୂଳ ଓ ରେଳଷ୍ଟେସନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି ।

## ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ : ୮ ମୃତ

ଅହମ୍ମଦାବାଦ, ୧୮ ।୭





ଗୁଜରାଟର ଅହମ୍ମଦାବାଦର ବଷ୍ଟ୍ରାଲ ଅଞ୍ଚଳରେ ଶନିବାର ଅପରାହ୍ନରେ ଏକ ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଆଠ ଜଣଙ୍କର ଦୁଃଖଦ ମୃତ୍ୟୁ ହୋଇଛି ଏବଂ ୧୫ ଜଣ ଆହତ ହୋଇଛନ୍ତି। ସୂଚନା ପାଇବା ପରେ, ପାଞ୍ଚଟି ଅଗ୍ନିଶମ ବାହିନୀ ଗାଡ଼ି, ଆମ୍ବୁଲାନ୍ସ, ଗଜରାଜ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯୁଗ୍ମ ପୋଲିସ କମିଶନର ଜୟପାଲ ସିଂହ ରାଠୋଡ ଆଠ ଜଣଙ୍କ ମୃତ୍ୟୁର ନିଶ୍ଚିତ କରିଛନ୍ତି।

ଅପରାହ୍ନରେ ବଷ୍ଟ୍ରାଲ ଅଞ୍ଚଳର ରାମୋଲ-ଗାତ୍ରାଡ ରୋଡର ମହମୁଦପୁରା ଅଞ୍ଚଳରେ ଥିବା ଟ୍ୟାଲେଣ୍ଟ ବାଣ କାରଖାନାରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଏତେ ତୀବ୍ର ଥିଲା ଯେ ଏହା କିଛି ସମୟ ମଧ୍ୟରେ ସମଗ୍ର କାରଖାନାକୁ ଗ୍ରାସ କରିଦେଇଥିଲା। ଏହି ଘଟଣା ଆତଙ୍କ ଏବଂ ପାଟିତୁଣ୍ଡ ସୃଷ୍ଟି କରିଥିଲା। ଅଗ୍ନିଶମ କର୍ମଚାରୀ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ କାରଖାନାରୁ ଆଠ ଜଣଙ୍କ ମୃତଦେହ ଏବଂ ଆହତଙ୍କୁ ବାହାର କରିଥିଲେ। ଗୁରୁତର ଆହତଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କୁ ଏଲଜି ହସ୍ପିଟାଲ ଏବଂ ଚାରି ଜଣଙ୍କୁ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ଆହତମାନେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ଅହମ୍ମଦାବାଦର ମେୟର ଏବଂ ମ୍ୟୁନିସିପାଲ କମିଶନର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ।

ତଦନ୍ତରୁ ଜଣାପଡିଛି ଯେ କାରଖାନାଟି ମେହୁଲ ଡୋଡିଆ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ପୋଲିସ ତାଙ୍କ ବିରୁଦ୍ଧରେ ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରିବା ପ୍ରକ୍ରିୟା ଆରମ୍ଭ କରିଛି, ଯେଉଁଥିରେ ହତ୍ୟା ନୁହେଁ ଦୋଷୀ ହତ୍ୟା ଅନ୍ତର୍ଭୁକ୍ତ।

### ପ୍ରଧାନମନ୍ତ୍ରୀଙ୍କ ଶୋକ ଓ ସହାୟତା ଘୋଷଣା

ନୂଆଦିଲ୍ଲୀ, ୧୮ ।୭

ଶନିବାର ଗୁଜୁରାଟର ଅହମ୍ମଦାବାଦର ଟ୍ୟାଲେଣ୍ଟ ବାଣ କାରଖାନାରେ ଅଗ୍ନିକାଣ୍ଡ ଯୋଗୁଁ ଜୀବନ ଏବଂ ସମ୍ପତ୍ତି କ୍ଷୟକ୍ଷତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁସାରେ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ (ପୃଷ୍ଠା ୭ରେ)

## ଅଗଷ୍ଟରେ ଦିଲ୍ଲୀରେ ହେବ ଇନଭେଷ୍ଟର୍ସ ରୋଡ୍ ସୋ

ଭୁବନେଶ୍ୱର, ୧୮ ।୭
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଅଗଷ୍ଟରେ ଦିଲ୍ଲୀରେ ଇନଭେଷ୍ଟର୍ସ ରୋଡ୍ ସୋ ଆୟୋଜିତ ହେବ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରୋଡ୍ ସୋ'ରେ ଟିମ୍ ଓଡ଼ିଶାର ନେତୃତ୍ୱ ନେବେ। ଦିଲ୍ଲୀରେ ଫୋକସର ଏରିଆ ରହିବ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟର। ୨ ବର୍ଷରେ ଓଡ଼ିଶାକୁ ଅନେକ ପୁଞ୍ଜି (ପୃଷ୍ଠା ୭ରେ)

### ଆଜିର ମୁଖ୍ୟ ଖବର

- ସଂପୂର୍ଣ୍ଣ ହୋସରେ ଅଛନ୍ତି ୱାଂଗଚୁକ୍, ଅବସ୍ଥା ସ୍ଥିର: ସଫଦରଜଙ୍ଗ ହସ୍ପିଟାଲ।
- ତିରୁପ୍ପୁର ସଡ଼କ ଦୁର୍ଘଟଣା: ଗ୍ୟାସ୍ ଟ୍ୟାଙ୍କର୍ ଓ ଟ୍ରକ୍ ମଧ୍ୟରେ ଫଶିଲା କାର୍ : ତିନି ମୃତ, ୫ ଆହତ।
- ଟିଏମସି ବିରୋଧରେ ବିଦ୍ରୋହ କରି ଏନସିପିରେ ଯୋଗ ଦେଇଥିବା ୨୦ ଜଣ ସାଂସଦଙ୍କୁ ମଧ୍ୟ ସର୍ବଦଳୀୟ ବୈଠକରେ ନିମନ୍ତ୍ରଣ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୨୯ (+୭୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୩୫ (+୭୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୪୭ (+୫୭)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୦ (+୦)

## ମହାକାଶ ଯାତ୍ରାରେ ଐତିହାସିକ ଅଧ୍ୟାୟ ଯୋଡ଼ିଲା ଭାରତ

# 'ବିକ୍ରମ-୧'ର ସଫଳ ଉତ୍କ୍ଷେପଣ

ଶ୍ରୀହରିକୋଟା, ୧୮ ।୭



ସ୍କାଏରୁଟ୍ ଏରୋସ୍ପେସର 'ମିଶନ ଆଗମନ' ଅନ୍ତର୍ଗତ ପ୍ରଥମ ଘରୋଇ କ୍ଷେତ୍ରର ରକେଟ 'ବିକ୍ରମ-୧'କୁ ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲାର ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତ୍କ୍ଷେପଣ କରାଯାଇଛି। ଏହା ସହିତ ଭାରତର ମହାକାଶ ଯାତ୍ରାରେ ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ଶନିବାର ମଧ୍ୟାହ୍ନ ୧୨ଟା ୫ରେ ସ୍କାଏରୁଟ୍ ଏରୋସ୍ପେସ ଭାରତର ପ୍ରଥମ ଘରୋଇ ଭାବରେ ବିକଶିତ କକ୍ଷପଥ ପ୍ରକ୍ଷେପଣ ଯାନ, ବିକ୍ରମ-୧ର ପ୍ରଥମ ଉତ୍କ୍ଷେପଣ କରିଛି। ଏହି ଚାରି-ପର୍ଯ୍ୟାୟ ରକେଟ୍ ଦ୍ରୁତ ଏବଂ ଉପଯୁକ୍ତ ପ୍ରକ୍ଷେପଣ ସେବା ପ୍ରଦାନ କରିବା ପାଇଁ ଏହା ଡିଜାଇନ୍ କରାଯାଇଛି।

'ମିଶନ ଆଗମନ' ହେଉଛି ସ୍କାଏରୁଟ୍ ଏରୋସ୍ପେସର ପ୍ରଥମ କକ୍ଷପଥ ପରୀକ୍ଷଣ ଉଡ଼ାଣ। ଭାରତୀୟ ଘରୋଇ କମ୍ପାନୀ ଦ୍ୱାରା ନିଜସ୍ୱ ରକେଟ୍ (ପୃଷ୍ଠା ୭ରେ)

### ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୮ ।୭

ଭାରତର ପ୍ରଥମ ଘରୋଇ କକ୍ଷପଥ ରକେଟ 'ବିକ୍ରମ-୧' ର ସଫଳ ଉତକ୍ଷେପଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କାଇରୁଟ ଏରୋସ୍ପେସକୁ ଅଭିନନ୍ଦନ ଜଣାଇଛନ୍ତି। ସେ କମ୍ପାନୀର ସହ-ପ୍ରତିଷ୍ଠାତା ପୱନ କୁମାର ଚାନ୍ଦନା ଏବଂ ନାଗା ଭାରତ ଡାକାଙ୍କ ସହ ଫୋନରେ କଥା ହୋଇଛନ୍ତି ଏବଂ କହିଛନ୍ତି ଯେ ସ୍କାଇ ରୁଟ୍ ଆକାଶରେ ନିଜର ମୂଳଦୁଆ ପକାଇଛି ଏବଂ ଭୂମିରେ ସେହି ମୂଳଦୁଆକୁ ମଧ୍ୟ ମଜଭୁତ କରିଛି, ଯାହା ଦେଶର ଯୁବକମାନଙ୍କୁ ପ୍ରେରଣା ଦେବ।

## ଏସ୍‌ଡିସିର ନବନିଯୁକ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# କ୍ଷେତ୍ରସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝି ପଦକ୍ଷେପ ନେବାକୁ ପରାମର୍ଶ



ଭୁବନେଶ୍ୱର, ୧୮ ।୭
ନ୍ୟୁଜ୍ ବ୍ୟୁରୋ

ଆମ ସରକାର ଆସିବା ପରେ ସମାଜର ସବୁ ବର୍ଗର ଉନ୍ନତି ପାଇଁ ପଦକ୍ଷେପ ନେବା ସହିତ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି। ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ। ତେଣୁ, ଆପଣମାନେ ଅନ୍ତିମ ଧାଡି ପର୍ଯ୍ୟନ୍ତ ପହଞ୍ଚି, ଲୋକଙ୍କ ପାଇଁ କାମ କରନ୍ତୁ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇ କହିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଯୋଗ ଦେଇଥିଲେ। ନବନିଯୁକ୍ତ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ଆଞ୍ଚଳିକ (ପୃଷ୍ଠା ୭ରେ)

## ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

# 'ଲହରୀ' ସର୍ବଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର

ନୂଆଦିଲ୍ଲୀ, ୧୮ ।୭

ଚଳଚ୍ଚିତ୍ର କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ଭାରତ ସରକାରଙ୍କ ପକ୍ଷରୁ ଶନିବାର ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ୨୦୨୬ ବର୍ଷ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଆର୍ଟିକିଲ ୩୭୦' ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ଓ 'ଲହରୀ'କୁ ସର୍ବଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଘୋଷଣା କରାଯାଇଛି।

'ଆର୍ଟିକିଲ୍ ୩୭୦' ପାଇଁ ୟାମୀ ଗୌତମ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଛନ୍ତି। 'ବ୍ରମାୟୁଗମ୍' ପାଇଁ ମାମୁଟି ଓ 'ଚନ୍ଦୁ ଚାମ୍ପିଅନ୍' ପାଇଁ କାର୍ତ୍ତିକ ଆର୍ଯ୍ୟନଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ବିଜେତା ଘୋଷଣା କରାଯାଇଛି। ରାଜକୁମାର ପେରିଆସାମି 'ଅମରନ୍' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ (ପୃଷ୍ଠା ୭ରେ)

## ଆତ୍ମବିଶ୍ୱାସ ଏବଂ କରୁଣା ସହିତ ଧଳା କୋଟ୍ ପିନ୍ଧନ୍ତୁ: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୮ ।୭
ନ୍ୟୁଜ୍ ବ୍ୟୁରୋ




ଏମ୍ସ ଭୁବନେଶ୍ୱର ଶନିବାର ଏହାର ଷଷ୍ଠ ସମାବର୍ତ୍ତନ ସମାରୋହକୁ ସଫଳତାର ସହିତ ପାଳନ କରିଛି। ଚିକିତ୍ସା ଶିକ୍ଷା, ଗବେଷଣା, ନବସୃଜନ ଏବଂ ରୋଗୀ ସେବାରେ ପ୍ରତିଷ୍ଠାନର ଉତ୍କର୍ଷତା ଯାତ୍ରାରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ଭାରତ ସରକାରଙ୍କ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ ମଧ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ସମାବର୍ତ୍ତନ ଭାଷଣ ଦେଇ ଶ୍ରୀମତୀ ପଟେଲ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡାକ୍ତରୀ (ପୃଷ୍ଠା ୭ରେ)

## ଆୟୁଷ୍ମାନ କାର୍ଡରେ ମିଳିବ ଅତ୍ୟାଧୁନିକ କର୍କଟ ଚିକିତ୍ସା

ଭୁବନେଶ୍ୱର, ୧୮ ।୭
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଆୟୁଷ୍ମାନ କାର୍ଡରେ ମିଳିବ ଅତ୍ୟାଧୁନିକ କର୍କଟ ଚିକିତ୍ସା। ଏହି ଚିକିତ୍ସା କ୍ଷେତ୍ରରେ ୧୨୧ଟି ପ୍ୟାକେଜ୍ ଯୋଡ଼ିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଉପଲବ୍ଧ ଚିକିତ୍ସା ତୁଳନାରେ ନୂଆ ପ୍ୟାକେଜଗୁଡ଼ିକ ରୋଗୀଙ୍କ ପାଇଁ ବେଶ୍ ଫଳପ୍ରଦ ହେବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି, ସରକାର କର୍କଟ (ପୃଷ୍ଠା ୭ରେ)

### ଏକାଳ ପଖାଳ



ସେବେ କରିଥିଲେ ଏବେ ହେଲେ ଘାଣ୍ଟି
ହାଲିଆ ଦଉଡି ଦଉଡି
ଫାଇଲ୍ ଗାଏବ ଡାଇରିଆ ସାଜେ
ଅଜୀର୍ଣ୍ଣ ଦୁର୍ନୀତି ରାବିଡି
ଉଚ୍ଛୁଳୁଛି ଏବେ ପଗଡି
ଧନମାନ ପ୍ରାଣ ସବୁ ପୀଡା ଭୋଗେ
ତଦନ୍ତରେ ହୋଇ ରଗଡି।

# ଋଷ୍ ଉପରେ ୟୁକ୍ରେନର ଡ୍ରୋନ୍ ବର୍ଷା



ମସ୍କୋ, ୧୮ ।୭

ଋଷ୍-ୟୁକ୍ରେନ୍ ଯୁଦ୍ଧ ପୁଣି ତୀବ୍ର ହୋଇଛି। ୟୁକ୍ରେନ୍ ଶୁକ୍ରବାର ରାତିରେ ଋଷର ବିଭିନ୍ନ ଅଞ୍ଚଳ ଉପରେ ଘନ ଘନ ଡ୍ରୋନ୍ ମାଡ଼ କରି ବ୍ୟାପକ କ୍ଷତି ଘଟାଇ ଥିବାବେଳେ ୭ ଜଣ ଗୋଦାମ କର୍ମଚାରୀଙ୍କର ମୃତ୍ୟୁ ହୋଇଥିବାବେଳେ ୫୧ ଜଣ ଆହତ ହୋଇଛନ୍ତି ବୋଲି ଶନିବାର ଋଷ୍ କର୍ତ୍ତୃପକ୍ଷ କହିଛନ୍ତି। ୟୁକ୍ରେନ୍ ପକ୍ଷରୁ ଋଷର ଗୋଦାମ ଘର, ତୈଳ ଡିପୋ ଓ ଏକ ଆବାସିକ କୋଠାକୁ ଟାର୍ଗେଟ କରାଯାଇଥିଲା। ଋଷ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଶତାଧିକ ଡ୍ରୋନ୍ ନଷ୍ଟ କରିବାରେ ସଫଳ ହୋଇଥିଲା।

ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି ଯେ, ଦୀର୍ଘ ଦୂରଗାମୀ ଆକ୍ରମଣ ମସ୍କୋ ଓ ତାମ୍ବୋଭ ଅଞ୍ଚଳର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ୍ ସୁବିଧା ଉପରେ ପ୍ରଭାବ ପକାଇଛି। ଏହି କେନ୍ଦ୍ରଗୁଡ଼ିକୁ ଆକ୍ରମଣକାରୀ ଡ୍ରୋନ୍ ଓ ନେଭିଗେସନ୍ ଉପକରଣ ଉତ୍ପାଦନ ପାଇଁ ଅନୁମୋଦିତ ଉପାଦାନ ଯୋଗାଣ ପାଇଁ ବ୍ୟବହାର କରୁଥିଲେ ବୋଲି ଟେଲିଗ୍ରାମରେ ଜେଲେନସ୍କି ଲେଖିଛନ୍ତି। ଏହାସହିତ ଋଷର ତୈଳ ଡିପୋ ଉପରେ ମଧ୍ୟ ଆକ୍ରମଣ ହୋଇଛି ବୋଲି ଜେଲେନସ୍କି କହିଛନ୍ତି। ରୁଷ୍ ଅଧିକାରୀଙ୍କ ସୂଚନା (ପୃଷ୍ଠା ୭ରେ)

## ପୌରାଞ୍ଚଳ ଅଧ୍ୟକ୍ଷ ପଦ ପାଇଁ ପ୍ରକାଶ ପାଇଲା ସଂରକ୍ଷଣ ତାଲିକା

ଭୁବନେଶ୍ୱର, ୧୮ ।୭ : ନ୍ୟୁଜ୍ ବ୍ୟୁରୋ

ପୌରାଞ୍ଚଳ ଅଧ୍ୟକ୍ଷ ପଦ ପାଇଁ ପ୍ରକାଶ ପାଇଲା ସଂରକ୍ଷଣ ତାଲିକା। ଏନେଇ ରାଜ୍ୟ ନିର୍ବାଚନ ଆୟୋଗ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ପୌରାଞ୍ଚଳ ପାଇଁ ୧୨ ହଜାର ଇଭିଏମ, ଆଉ ୬ ହଜାର ନୂଆ ଇଭିଏମ ଅର୍ଡର କରାଯାଇଛି। । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ ସଚିବ ସନ୍ତୋଷ କୁମାର ଦାଶ । ସେ କହିଛନ୍ତି ଯେ, ସଂରକ୍ଷଣ ତାଲିକା ପ୍ରକାଶ ପାଇବାପରେ ଡୋର୍ ଟୁ ଡୋର୍ ସର୍ଭେ କରାଯିବ । ଏନଏସିରେ ଗୋଟେ ୱାର୍ଡକୁ ଗୋଟେ ବୁଥ ହେବ। ଇଭିଏମ ପାଇଁ ବାଲଟ ପେପର, ଗାଡ଼ି ପାଇଁ ଅର୍ଡର କରିଦେଇଛୁ। ପୌରାଞ୍ଚଳ ଓ ପଞ୍ଚାୟତ ନିର୍ବାଚନ ପାଇଁ ମାର୍ଚ୍ଚ ମାସରେ ନୋଟିଫିକେସନ୍ ହେବ। ଏପ୍ରିଲ କିମ୍ବା ମେ'ରେ ପାଖାପାଖି ସମୟରେ ଉଭୟ ପଞ୍ଚାୟତ ଏବଂ ପୌର ନିର୍ବାଚନ କରାଯିବ। ଅକ୍ଟୋବର ମାସରୁ ଇଲେକ୍ଟ୍ରିକାଲ ରୋଲ୍ ଆରମ୍ଭ ହେବ। ସମୁଦାୟ ୧୪୩ ପୌର, ଏନଏସି ଏବଂ ମ୍ୟୁନିସିପାଲ କର୍ପୋରେସନ ପାଇଁ ନିର୍ବାଚନ ହେବ। ସମ୍ବଲପୁର ମହାନଗର ପାଇଁ ଯେଉଁ ସମସ୍ୟାନେଇ ହାଇକୋର୍ଟରେ କେସ ଚାଲିଥିଲା, ତାର ସମାଧାନ ହୋଇସାରିଛି । ତାପରେ ଅର୍ଡର ବି ବାହାରି ସାରିଛି ବୋଲି ସେ ସୂଚନା ଦେଇଛନ୍ତି ।





# ମରଣ ଯନ୍ତା ପାଲଟିଲାଣି ବନ୍ଧାଳୋ-ମଞ୍ଜୁରୀରୋଡ୍ ରାସ୍ତା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପୂର୍ତ୍ତ ବିଭାଗ ଅଧୀନରେ ଥିବା ମଞ୍ଜୁରୀରୋଡ଼-ବନ୍ଧାଳ ରାସ୍ତା ଏବେ ମରଣ ଯନ୍ତା ପାଲଟିଛି। ରାସ୍ତାର ଅଧିକାଂଶ ସ୍ଥାନ ଭାଙ୍ଗି ରୁଜି ଗଲାଣି। କେଉଁଠି କଂକ୍ରିଟ ଭାଙ୍ଗି ଖାଲ ହୋଇ ଗଲାଣି। କଂକ୍ରିଟ ରାସ୍ତା ଭାଙ୍ଗି ରଡ଼ ଦେଖା ଯାଉଛି ଓ ବାଇକ୍ ଚକ ରଡ଼ରେ ପଶି ଦୁର୍ଘଟଣା ଘଟୁଛି। ଗତ ଦୁଇ ବର୍ଷ ପୂର୍ବରୁ ମରାମତି ହୋଇ ପ୍ରାୟ ଏକ କିଲୋମିଟର ଅଂଶ ଫେବର ଟାଇଲ ପଡ଼ିଥିଲା।ଏହା ଭିତରେ କେଉଁଠି ଫେବର ଉଠିଗଲାଣି ତ କେଉଁଠି ଦବି ଗଲାଣି। ପୂର୍ତ୍ତ ବିଭାଗର ଏହି ରାସ୍ତାଟି ସ୍ଥାନୀୟ ଅଞ୍ଚଳର ଜୀବନ ରେଖା ଓ ଯାଜପୁର ଜିଲ୍ଲାର ଅଧିବାସୀଙ୍କ ପାଇଁ ମଞ୍ଜୁରୀରୋଡ୍‌କୁ ସଂଯୋଗ କରୁଥିବାରୁ ପ୍ରତିଦିନ ଶହ ଶହ ଯାତ୍ରୀ, ସକାଳୁ ସଞ୍ଜ ନିତିଦିନିଆ ସଉଦା ପରିବା ଅନ୍ୟାନ୍ୟ ନିତ୍ୟ ବ୍ୟବାହାର୍ଯ୍ୟ ଜିନିଷ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାଆନ୍ତି। ଅଞ୍ଚଳର ଏକମାତ୍ର ନାଆମୀ କଲେଜକୁ ଯିବାପାଇଁ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ସାଇକେଲ କିମ୍ବା ବାଇକ୍‌ରେ ଯିବା ଆସିବା କରନ୍ତି। ରାସ୍ତାଟି ଖାଲ ଖମାରେ ଭରି ଯାଇଥିବାରୁ ଏକ କାଳୀନ ଗୋଟିଏ ପାର୍ଶ୍ୱରେ ଯାତ୍ରୀ ଯିବା ଆସିବା କରୁଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ମଞ୍ଜୁରୀରୋରେ ଥିବା ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାଳୟକୁ ଯିବାକୁ ଛାତ୍ରଛାତ୍ରୀ ବି ଏହି ରାସ୍ତାର ନିୟମିତ ଗଲାବେଳେ ଅଧା ସମୟ ସାଇକେଲ ଗଡ଼େଇ ଗଡ଼େଇ ନେବାକୁ ପଡୁଛି। ବାଇକ୍ ଆରୋହୀଙ୍କ ପାଇଁ ମରଣ ଯନ୍ତା ପାଲଟିଥିବା ଏହି ରାସ୍ତାରେ ବଡ଼ ଗାଡ଼ି ହାଲୁକା ଚାରି ଚକିଆ ଯାନ ଯିବାକୁ ଡରୁଛନ୍ତି। ପାଞ୍ଚ ସାତ ବର୍ଷ ତଳେ ନିର୍ମାଣ ମରାମତି ହୋଇଥିବା ଏହି ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ଅସନ୍ତୋଷ ଦେଖା ଦେଇଛି। ରାସ୍ତାର ଦୁରାବସ୍ଥା ସମ୍ପର୍କରେ ଖବରକାଗଜରେ ବାହାରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଛି। ସାମାଜିକ ଗଣମାଧ୍ୟମରେ ଏହି ରାସ୍ତାର ଦୁର୍ଗତି ବିଷୟରେ ଅନେକ ଲେଖା ଓ ଭିଡିଓ ହେଉଛି ତଥାପି ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ପାଇଁ ପଦକ୍ଷେପ ନିଆ ଯାଇନାହିଁ। ବର୍ଷା ଦିନରେ ରାସ୍ତାଟିର ଖାଲ ଜାଗାରେ ପାଣି ଜମିରହି ଦୁର୍ଘଟଣା ବଢୁଛି। ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆନ୍ଦୋଳନ କରିବା ପାଇଁ ସ୍ଥାନୀୟ ଲୋକମାନେ ଚେତାବନୀ ଦେଇଛନ୍ତି।

# ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ନୂତନ ଇତିହାସ ରଚିବ ମାଲକାନଗିରି ଜିଲ୍ଲା

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ମାଲକାନଗିରି ଜିଲ୍ଲା ଏକ ନୂତନ ଇତିହାସ ରଚନା କରିବାକୁ ଯାଉଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଗୋଆ ସ୍ଥିତ ପ୍ରସିଦ୍ଧ 'ରାଷ୍ଟ୍ରୀୟ ଜଳକ୍ରୀଡ଼ା ସଂସ୍ଥାନ'ର ମିଳିତ ସହଯୋଗରେ ଜିଲ୍ଲାରେ ଜଳଭିତ୍ତିକ ସାହସିକ ପର୍ଯ୍ୟଟନର ବ୍ୟାପକ ସମ୍ଭାବନାକୁ ନେଇ ଏକ ଉଚ୍ଚସ୍ତରୀୟ ବୈଷୟିକ ସର୍ବେକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଚଳିତ ଜୁଲାଇ ୧୧ ଓ ୧୨ ତାରିଖରେ ଦୁଇ ଦିନ ଧରି ଚାଲିଥିବା ଏହି ସର୍ଭେରେ ଜିଲ୍ଲାର ପ୍ରମୁଖ ଜଳାଶୟଗୁଡ଼ିକର ଭୌଗୋଳିକ ସ୍ଥିତି, ଜଳର ପ୍ରବାହ ଏବଂ ସୁରକ୍ଷା ବ୍ୟବସ୍ଥାର ସୂକ୍ଷ୍ମ ଅନୁଧ୍ୟାନ କରାଯାଇଥିଲା। ଜାମ୍ଭୁର ପ୍ରମୁଖ ଅତିଥି ବିଶେଷଜ୍ଞ ସଞ୍ଜୟ ସିଂ ସମ୍ବିଆଲ ଏବଂ ଚେନ୍ନାଇର ନ୍ୱିସ୍ ବୈଷୟିକ ଅଧିକାରୀ ଜଗଦୀଶ ଭି.ଙ୍କୁ ନେଇ ଗଠିତ ଏହି ୨ ଜଣିଆ ଉଚ୍ଚ ସ୍ତରୀୟ ଟିମ୍ ଜିଲ୍ଲାର ବିଭିନ୍ନ ପ୍ରସ୍ତାବିତ ସ୍ଥଳରେ ହ୍ୱାଇଟ୍-ଓ୍ୱାଟର୍ ରାଫ୍ଟିଂ, କାୟାକିଂ ଏବଂ କାନୋଇଂ ଭଳି ଜଳ-ଭିତ୍ତିକ ସାହସିକ ପର୍ଯ୍ୟଟନ କାର୍ଯ୍ୟ-କଳାପର ଭିତ୍ତିଭୂମି ଯାଞ୍ଚ କରିଥିଲେ।

ଏହି ପ୍ରସ୍ତାବିତ ଜଳକ୍ରୀଡ଼ା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ମାଲକାନଗିରି ଜିଲ୍ଲା ତଥା ସମଗ୍ର ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଏକ ବଡ଼ ବୁଷ୍ଟର୍ ମିଳିବ। ଏହାଦ୍ୱାରା ମାଲକାନଗିରି ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ପାଲଟିବା ସହ ଦେଶ ଓ ବିଦେଶର ସାହସିକ କ୍ରୀଡ଼ା-ପ୍ରେମୀଙ୍କୁ ଆକୃଷ୍ଟ କରିବ। ପର୍ଯ୍ୟଟନର ଏହି ବିକାଶ ଦ୍ୱାରା ସ୍ଥାନୀୟ ଯୁବକ ଯୁବତୀମାନେ ଗାଇଡ୍, ଲାଇଫ୍ ଗାର୍ଡ ଓ ଆତିଥେୟତା କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ପାଇବେ। ଏହା ସହିତ ଜିଲ୍ଲାରେ ହୋଟେଲ, ପରିବହନ ଏବଂ ହସ୍ତଶିଳ୍ପ ବ୍ୟବସାୟ ବୃଦ୍ଧି ପାଇବା ସହ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ ଏବଂ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।

ଏହି ସମଗ୍ର ସର୍ଭେ କାର୍ଯ୍ୟକ୍ରମକୁ ଅତି ସୂଚାରୁ ରୂପେ ସମ୍ପାଦନ କରିବା ପଛରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଦୂରଦୃଷ୍ଟିସମ୍ପନ୍ନ ନିର୍ଦ୍ଦେଶନା ଓ ସକ୍ରିୟ ଭୂମିକା ରହିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରୀୟ ଟିମ୍‌କୁ ସମସ୍ତ ପ୍ରକାର ଲଜିଷ୍ଟିକ୍ସ ଓ ବୈଷୟିକ ସହାୟତା ତତ୍କାଳ ଯୋଗାଇ ଦିଆଯାଇଥିଲା। ପ୍ରଶାସନର ଏଭଳି ସହଯୋଗ ଓ କାର୍ଯ୍ୟଦକ୍ଷତାକୁ କେନ୍ଦ୍ରୀୟ ପ୍ରତିନିଧି ଦଳ ଉଚ୍ଚ ପ୍ରଶଂସା କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଡେପୁଟି କଲେକ୍ଟର ସ୍ୱୟଂ ସିଦ୍ଧ ରାଉତ ସମସ୍ତ ଦାୟିତ୍ୱ ଓ ପ୍ରଶାସନିକ ସମନ୍ୱୟ ରକ୍ଷା କରିଥିଲେ।

ସୂଚନାଯୋଗ୍ୟ ଯେ, ବିଶେଷଜ୍ଞ ଦଳ ଚିତ୍ରକୋଣ୍ଡା ଇକୋ ପାର୍କ ସ୍ଥିତ ହ୍ରଦ, ସ୍କିଲ ଓ୍ୱେ, ଗୁରୁପ୍ରିୟା ସେତୁ ନିକଟବର୍ତ୍ତୀ ଧନୁର୍ଯ୍ୟାୟ ଗୁଡା ଏବଂ ଝୁଲା ବ୍ରିଜ୍ ଅଞ୍ଚଳ ଗସ୍ତ କରିଥିବା ବେଳେ ଫରେଷ୍ଟ ରେଞ୍ଜର ବଳରାମ ନାୟକ, ସତୀଗୁଡ଼ା ଇକୋ ପାର୍କ ମ୍ୟାନେଜର ଅବିନାଶ ମହାନ୍ତି ଓ ସ୍ଥାନୀୟ ସ୍କ୍ୱାଡ୍ ବୟ ସମ୍ପୂର୍ଣ୍ଣ ସହାୟତା କରିଥିଲେ। ସେହିପରି ଜୁଲାଇ ୧୨ ତାରିଖ ଦ୍ୱିତୀୟ ଦିନରେ ଟିମ୍ ପୋଟେରୁ ହିଲ୍ ସେଭ୍ଲନ, ସିଲେରୁ ଭ୍ୟାଲି ଓ ଅପର ସାବେରୀ ଗର୍ଜ ଭଳି ପ୍ରାକୃତିକ ଭେଟି ଥିବା ସ୍ଥାନଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଏହି ସମୟରେ କାଲିମେଳା ରେଞ୍ଜର ଓ ସ୍ଥାନୀୟ ସ୍କ୍ୱାଡ୍ ବୟ ସହାୟତା କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ନ୍ୱିସ୍ ବିଶେଷଜ୍ଞ ଦଳଙ୍କ ଏହି ୩ ସପ୍ତାହ ବ୍ୟାପୀ ବ୍ୟାପକ ସର୍ଭେ କାର୍ଯ୍ୟକ୍ରମ ଆସନ୍ତା ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଏବଂ ଏହି ଦଳ ପ୍ରଦାନ କରିବାକୁ ଥିବା ଚୂଡ଼ାନ୍ତ ରିପୋର୍ଟ ଆଧାରରେ ଆଗାମୀ ଦିନରେ ମାଲକାନଗିରିରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯିବ।

# ଜାତୀୟସ୍ତରରେ ସମ୍ମାନିତ ହେଲେ ବ୍ରାହ୍ମଣୀଗାଁର ଝିଅ ଲକ୍ଷ୍ମୀପ୍ରିୟା

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**

ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଅଞ୍ଚଳରର ଝିଅ ଲକ୍ଷ୍ମୀପ୍ରିୟା ପରିଡ଼ା ପୁଣିଥରେ ଜାତୀୟସ୍ତରରେ ସମ୍ବର୍ଦ୍ଧିତ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତୀକରଣ, ଜୀବିକାର ବିକାଶ ଏବଂ ନିରନ୍ତର ସମାଜସେବା କ୍ଷେତ୍ରରେ ଦୀର୍ଘ ୨୮ବର୍ଷର ଉଲ୍ଲେଖନୀୟ ଅବଦାନ ପାଇଁ ସେ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୬ ଅଧୀନରେ ଦେଶୀ ଧାକଡ଼ନୟୀ ପହେଚାନ ତଥା ଓ୍ୱମେନ୍ସ ଚେଞ୍ଜ ମେକର ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ମୁମ୍ବାଇସ୍ଥିତ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ପରିସରରେ ଆୟୋଜିତ ଏକ ସମାରୋହରେ ଇଥୋରୱେର ଏଆଇ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।



ଏହି ଅବସରରେ ଇଣ୍ଡିଆନ ଗ୍ରାମୀଣ ସର୍ଭିସେସ (ଆଇଜିଏସ୍)ର ଚିଫ୍ ଅପରେଟିଂ ଅଫିସର ଡ. ସଞ୍ଜୀବ ଷଡ଼ଙ୍ଗୀ, ନେହାଲ ଦାସ ଏବଂ ମୟଙ୍କ ମଜୁମଦାର ଉପସ୍ଥିତ ରହି ଲକ୍ଷ୍ମୀପ୍ରିୟାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ବିକାଶମୂଳକ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲେ।

ସମାରୋହରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସିନିୟର ଆଡ୍‌ଭାଇଜର ଡ. ଭାସ୍କର ଚାଟାର୍ଜୀ, ହେଡ ଅଫ ସଷ୍ଟେନେବିଲିଟି ଆଣ୍ଡ ଷ୍ଟ୍ରାଟେଜି ଡେଭଲପମେଣ୍ଟ ଡ. ହରିଶ ଆହୁଜା ଏବଂ ନାବାର୍ଡର କ୍ଲାଇମେଟ ଫାଇନାନ୍ସର ଚିଫ ଜେନେରାଲ ମ୍ୟାନେଜର ଡ.ସଞ୍ଜୀବ ରୋହିଲା ପ୍ରମୁଖ ଯୋଗଦେଇଥିଲେ।

ପ୍ରକାଶ ଯେ, ମୋଟ ୯୩ଟି ଆବେଦନ ମଧ୍ୟରୁ ୧୭ ଜଣଙ୍କୁ ବ୍ୟକ୍ତିଗତ ଓ ସଂସ୍ଥାଗତ ଭାବରେ ଏହି ସମ୍ମାନ ପାଇଁ ମନୋନୀତ କରାଯାଇ ଥିଲା। ସେମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଅଞ୍ଚଳର ନିପଟ ମଫସଲ ଗ୍ରାମ ମହାଗୁଡ଼ିର ଲକ୍ଷ୍ମୀପ୍ରିୟା ଏହି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଲକ୍ଷ୍ମୀପ୍ରିୟା ଏହି ସଫଳତା ପରେ ଇଣ୍ଡିଆନ ଗ୍ରାମୀଣ ସର୍ଭିସେସ ଏବଂ ସିଆଇଆଇର ସହଯୋଗ ଓ ପ୍ରେରଣା ପାଇଥିବାରୁ ତାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ସୂଚନା ଯୋଗ୍ୟ, ଚଳିତ ବର୍ଷ ୧୫ ମଇରେ ନୂଆଦିଲ୍ଲୀରେ ସିଆଇଆଇ ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ଆଦର୍ଶ ମହିଳା ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଥିଲା।

# ମଣିଷ ସୁରକ୍ଷାକୁ ଫୁଁ: ଗୋଟିଏ କୂଅରେ ଖୋଲାରେ ଲାଗିଛି ୧୩ ପାଣି ପମ୍ପ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ସାହେବଜେନାପଲ୍ଲୀଠାରେ ଥିବା ଗୋଟିଏ କୂଅରୁ ପାଣି ଟାଣୁଛନ୍ତି ୧୩ଟି ପମ୍ପ। ସବୁଠାରୁ ବିପଦପୂର୍ଣ୍ଣ କଥା ହେଉଛି ସେହି ପମ୍ପଗୁଡ଼ିକ କୂଅର ଚାରିପଟେ ଖୋଲା ଅବସ୍ଥାରେ ରହିଛି ଏବଂ ସବୁ ପମ୍ପର ତାର ଏମିତି ଝୁଲି ରହିଛି ଯେମିତି ଆଖି ପିଛୁଳାକେ ଯେକୌଣସି ପ୍ରକାରର ବଡ଼ ଅଘଟଣ ଘଟିପାରେ। ଏହାର ଠିକ୍ ପାର୍ଶ୍ୱରେ ରହିଛି ବିଦ୍ୟାଳୟ ଭଳି ଗୋଟିଏ ସମ୍ବେଦନଶୀଳ ସ୍ଥାନ। ଏହା ମାନବ ଏବଂ ବିଦ୍ୟୁତ୍ ସୁରକ୍ଷା ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଜଣାପଡ଼ିଛି। ପୌରପରିଷଦରେ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଘରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ଏହି ଅଞ୍ଚଳରେ ଲୋକ କିପରି ଭାବରେ ଏତେ ବିପଦସଙ୍କୁଳ ପରିସ୍ଥିତିରେ ଗୋଟିଏ କୂଅର ପାଣି ଉପରେ ନିର୍ଭର କରୁଛନ୍ତି ତାହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ଏହି ସ୍ଥାନରୁ ଅଳ୍ପ କିଛି ଦୂରରେ ଗୋଟିଏ ବହୁ ପୁରାତନ ପୋଖରୀ ମଧ୍ୟ ରହିଛି ଯାହା ଉପରେ ଅନେକ ଲୋକ ନିର୍ଭର କରିଥାନ୍ତି।

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜଙ୍ଗଲ କ୍ଷୟ ପରିବେଶ ପାଇଁ ବିପଦ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଅବିଭକ୍ତ କୋରାପୁଟ ଜିଲ୍ଲା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି ଜଙ୍ଗଲ, ଯାହାକି ପରିବେଶ ପାଇ ବିପଦ ସୃଷ୍ଟି କରିଛି। ଦିନେ ଶୀତଳ ଥିବା କୋରାପୁଟ ଜିଲ୍ଲା ଏବେ ୪୦ ଡିଗ୍ରୀ ତାପ ମାତ୍ରାରେ ପହଞ୍ଚିଲାଣି। ଆଗାମି ଦିନରେ ଜିଲ୍ଲା ପ୍ରତି ମଧ୍ୟ ବିପଦ ରହିଛି। ପ୍ରତିବର୍ଷ ପାଳିତ ହେଉଥିବା ବିଶ୍ୱ ପରିବେଶ ଦିବସ ନୁହେଁ ବରଂ ପ୍ରତିଟି ଦିନ ଆମେ ପରିବେଶର ସୁରକ୍ଷା ପ୍ରତି ଯତ୍ନବାନ ହେବା ଜରୁରୀ। ଜଳଭାଗ ଓ ସ୍ଥଳଭାଗରେ ବିଭିନ୍ନ ପ୍ରକାର ସଜୀବମାନେ ବାସ କରନ୍ତି। କୀଟ, ପତଙ୍ଗ, ଗଛ, ଗାଈଗୋରୁ ପ୍ରମୁଖ ସ୍ଥଳ ଭାଗରେ ଥିବା ସମୟରେ ମାଛ, ଜଳଜ ଉଦ୍ଭିଦ ପରି କେତେକ ମୁଖ୍ୟତଃ ଜଳ ଭାଗରେ ବସବାସ କରନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ଥଳ ଭାଗରେ ଥିବା ଜୈବ ସନ୍ତୁଳନ ମୁଖ୍ୟତଃ ଜଙ୍ଗଲ ପୋଡ଼ି, ଗାଈଗୋରୁ ମାନଙ୍କ ଅତ୍ୟଧିକ ଚରାଚର ପ୍ରବୃତ୍ତି, ଜଙ୍ଗଲ କ୍ଷୟ ପ୍ରଭୃତି ଯୋଗୁ ନଷ୍ଟ ହେବାରେ ଲାଗିଛି। ବନ୍ୟପ୍ରାଣୀମାନେ ନିଜ ବାସସ୍ଥଳୀ ହରାଇବା ସହିତ ବାସହରା ହୋଇଯାଇଛନ୍ତି। ଏହାର ପ୍ରମୁଖ କାରଣ ଭିତରେ ମୁଖ୍ୟତଃ ଲୋକମାନେ ନିଜର ଆବଶ୍ୟକତାକୁ ଚରିତାର୍ଥ କରିବା ନିମନ୍ତେ କଳ-କାରଖାନା ଓ ଜନବସତି ସ୍ଥାପନ କରୁଛନ୍ତି। ପରିବେଶ ସନ୍ତୁଳନ ଆଜି ନଷ୍ଟ ପ୍ରାୟ। ନା ଅଛି



ପଶୁପକ୍ଷୀମାନଙ୍କ ପାଇଁ ବାସସ୍ଥାନ, ନା ଅଛି ଜୈବ ସନ୍ତୁଳନ ସହରୀକରଣ ଏହାର ପ୍ରମୁଖ କାରଣ। ଜଳଭାଗ ଓ ସ୍ଥଳଭାଗରେ ବିଭିନ୍ନ ପ୍ରକାର ସଜୀବ ବାସ କରନ୍ତି। କୀଟ, ପତଙ୍ଗ, ଗଛ, ଗାଈଗୋରୁ ପ୍ରମୁଖ ସ୍ଥଳ ବା ଭାଗରେ ଥିବା ସମୟରେ ମାଛ, ଜଳଜ ଉଦ୍ଭିଦ ପରି କେତେକ ମୁଖ୍ୟତଃ ଜଳ ଭାଗରେ ବସବାସ କରନ୍ତି। ଏହି ସ୍ଥଳ ଭାଗରେ ଥିବା ଜୈବ ସନ୍ତୁଳନ ମୁଖ୍ୟତଃ ଜଙ୍ଗଲ ପୋଡ଼ି, ଗାଈଗୋରୁମାନଙ୍କ ଅତ୍ୟକ ଚରାଚର ପ୍ରବୃତି, ଜଙ୍ଗଲ କ୍ଷୟ ପ୍ରଭୃତି ଯୋଗୁଁ ନଷ୍ଟ ହେବାରେ ଲାଗିଛି। ପରିବେଶର ଜୈବ ବିବିଧତାକୁ ସଂରକ୍ଷଣ କରିବା ଆମର ପ୍ରଧାନ କର୍ତ୍ତବ୍ୟ। ଏହା ପୃଥିବୀରେ ଜୀବନ ସହାୟତା ପ୍ରଣାଳୀର ସ୍ଥାୟୀ ଉପଯୋଗ। ପ୍ରକୃତିର ଶୋଭାରେ ପ୍ରଲୁବ୍ଧ ମଣିଷ ଏବେ ସ୍ୱାର୍ଥ ସର୍ବସ୍ୱ ନିଶାରେ ମସ୍‌ଗୁଲ। ଆମ ପରିବେଶ, ଆମ ଜୀବନ। ମଣିଷ ନିଜର ଆଶାକୁ ପୂରଣ କରିବା ପାଇଁ ସବୁକିଛିକୁ ବଳି ଦେବାର ଉଦାହରଣ ସର୍ବତ୍ର ଦେଖିବାକୁ ମିଳେ। କାରଣ ମଣିଷ ଲୋଭର ବଶବର୍ତ୍ତୀ। ନିଜର ଲାଳସା ଉପରେ ମଣିଷର ଅକ୍ତିଆର ନାହିଁ। ବିଜ୍ଞାନର ବଳରେ ବଳୀୟାନ ଏହି ମାନବ ସମାଜ ଏବେ କ୍ଷଣିକ ସମୟରେ ସୃଷ୍ଟି କରିପାରୁଛି ପ୍ରଦୂଷଣର ବିଷ ମଞ୍ଜି। ଯେଉଁ ପରିବେଶ ଦିନେ ଘଞ୍ଚ ଜଙ୍ଗଲ ଶସ୍ୟଶ୍ୟାମଳା ଥିଲା ଆଜି ସେଠାରେ ନିରବତା ସୃଷ୍ଟି ହୋଇଛି। କୃଷି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି କରିବା ପାଇଁ ମଣିଷ ବ୍ୟବହାର କରୁଛି ବିଭିନ୍ନ ରାସାୟନିକ ବିଷ। ଏହା ଯୋଗୁଁ ବାୟୁମଣ୍ଡଳ ନଷ୍ଟ ହେବା ସହ ରାସାୟନିକ ସାରର ପ୍ରୟୋଗରେ ମୃତ୍ତିକାର ଉର୍ବରତା ବି ନଷ୍ଟ ହେଉଛି। ବିଭିନ୍ନ ପୂଜାପର୍ବରେ ଡାକବାଜି ଯନ୍ତ୍ରର ଚାହିଦା ଯୋଗୁଁ ଅନେକ ଶବ୍ଦ ପ୍ରଦୂଷଣ ବି ହେଉଛି। ସୁତରାଂ ବର୍ତ୍ତମାନ ସମୟରେ ପରିବେଶରେ ବୃଦ୍ଧି ପାଇଛି ପ୍ରଦୂଷଣର ଚିତ୍ର। ପରିବେଶର ପାରିପାର୍ଶିକ ସ୍ଥିତି ଏ ସଂଜ୍ଞାହୀନ ହେବାକୁ ବସିଲାଣି। ପ୍ରକୃତିକୁ ନେଇ ଇଏ ସମାଜ। ପ୍ରକୃତିର କରାଳ ରୂପକୁ ମାନବ ମୁହୂର୍ତ୍ତକ ପାଇଁ ମଧ୍ୟ ସହ୍ୟ କରିବା କଷ୍ଟକର ହୋଇପଡ଼େ। ଆଜି ଜୀବନ ଜୀଇଁବାର ପ୍ରତ୍ୟେକଟି ସୋପାନରେ କେବଳ ପ୍ରଦୂଷଣର ଏବେ ବିଷ। ତେଣୁ ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବାକୁ ଆହ୍ୱାନ ଦିଆଯାଇଛି।

# 'ପାଣିରେ ବୁଡ଼ି ମୃତ୍ୟୁ ରୋକିବା ପାଇଁ ସମନ୍ୱିତ ଓ ତ୍ୱରିତ ପଦକ୍ଷେପର ଆବଶ୍ୟକତା ରହିଛି'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପାଣିରେ ବୁଡ଼ି ମୃତ୍ୟୁକୁ ଏକ ପ୍ରତିରୋଧଯୋଗ୍ୟ ଜନସ୍ୱାସ୍ଥ୍ୟ ଓ ବିକାଶ ସମସ୍ୟା ଭାବେ ଗ୍ରହଣ କରି ଓଡ଼ିଶାରେ ପ୍ରଥମ କରି ରାଜ୍ୟସ୍ତରୀୟ ବୁଡ଼ି ମୃତ୍ୟୁ ନିବାରଣ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ବିଭାଗ, ବୈଷୟିକ ଅନୁଷ୍ଠାନ, ଶିକ୍ଷାବିତ୍, ବିକାଶ ସହଯୋଗୀ ସଂସ୍ଥା ଓ ବିଭିନ୍ନ ସମୁଦାୟର ପ୍ରତିନିଧି ସାମିଲ ହୋଇ ବୁଡ଼ି ମୃତ୍ୟୁ ରୋକିବା ପାଇଁ ସମନ୍ୱିତ କାର୍ଯ୍ୟକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ।

ଚାଇଲ୍ଡ ଇନ୍ ନିଡ୍ ଇନଷ୍ଟିଚ୍ୟୁଟ୍ (ସିନି) ପକ୍ଷରୁ ବିଶ୍ୱ ବୁଡ଼ି ମୃତ୍ୟୁ ନିବାରଣ ଦିବସ-୨୦୨୬ର ଥିମ୍ 'ଆସନ୍ତୁ ଏକାଠି ହୋଇ ପରିବର୍ତ୍ତନ ଆଣିବା' ଅନୁଯାୟୀ, ଏହି ପରାମର୍ଶ ବୈଠକର ଆୟୋଜନ କରାଯାଇଥିଲା। ଏହି ଅବସରରେ ୧୦ ଜୁଲାଇରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ରାଜ୍ୟବ୍ୟାପୀ ସଚେତନତା ଅଭିଯାନର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ବୁଡ଼ି ମୃତ୍ୟୁ ନିବାରଣ ପାଇଁ ଜାତୀୟ ରଣନୀତିକ ଢାଞ୍ଚାକୁ କାର୍ଯ୍ୟକାରୀ କରିବା ସହ ରାଜ୍ୟ ଓ ସମୁଦାୟ ସ୍ତରରେ ସମନ୍ୱିତ ପଦକ୍ଷେପକୁ ଆଗେଇ ନେବା ଏହି ପରାମର୍ଶ ବୈଠକର ମୂଳ ଉଦ୍ଦେଶ୍ୟ ଥିଲା।




ସରକାରୀ ତଥ୍ୟ ଅନୁଯାୟୀ, ଗତ ପାଞ୍ଚ ବର୍ଷରେ ଓଡ଼ିଶାରେ ପ୍ରାୟ ୯,୦୦୦ ଜଣଙ୍କର ପାଣିରେ ବୁଡ଼ି ଘଟିଛି। ଏଥିପାଇଁ ଏକ ସମନ୍ୱିତ ଓ ତ୍ୱରିତ ପଦକ୍ଷେପର ଆବଶ୍ୟକତା ରହିଛି। ନିକଟରେ ଓଡ଼ିଶା ସରକାର ବୁଡ଼ି ମୃତ୍ୟୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଏକ ସମନ୍ୱିତ ପଦକ୍ଷେପ ଘୋଷଣା କରିଛନ୍ତି। ଏଥିରେ ବୁଡ଼ି ମୃତ୍ୟୁପ୍ରବଣ ସ୍ଥାନ ଚିହ୍ନଟ, ସୁଦୃଢ଼ ଜଳାଶୟ ସୁରକ୍ଷା ବ୍ୟବସ୍ଥା, ଗୋଷ୍ଠୀଗତ ଲାଇଫଗାର୍ଡଙ୍କୁ ପ୍ରଶିକ୍ଷଣ, ପହଁରିବା ଓ ପାଣିରେ ବଞ୍ଚିବାର କୌଶଳ ବିସ୍ତାର ଓ ଜନସଚେତନତା ବୃଦ୍ଧି ଭଳି ପଦକ୍ଷେପ ସାମିଲ ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସହକାରୀ ମହାନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଡକ୍ଟର ମାନସ ପ୍ରତିମ ରାୟ କହିଥିଲେ ଯେ, ବୈଜ୍ଞାନିକ ପ୍ରମାଣ ଆଧାରିତ ପଦକ୍ଷେପ, ଦୃଢ଼ ସହଯୋଗ ଓ ସମୁଦାୟର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଜାତୀୟ ରଣନୀତିକ ଢାଞ୍ଚାକୁ ସଫଳ ଭାବେ କାର୍ଯ୍ୟକାରୀ କରାଯାଇପାରିବ।

ସିନିର ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ମେଘେନ୍ଦ୍ର ବାନାର୍ଜୀ କହିଥିଲେ ଯେ, ବୁଡ଼ି ମୃତ୍ୟୁ ରୋକିବା ପାଇଁ ସରକାର ଓ ସମାଜର ସମସ୍ତଙ୍କର ମିଳିତ ପ୍ରୟାସ ଆବଶ୍ୟକ। ତେଣୁ ପରାମର୍ଶ ବୈଠକ ସରକାରୀ ବିଭାଗ, ବୈଷୟିକ ଅନୁଷ୍ଠାନ, ଶିକ୍ଷାବିତ୍, ସ୍ୱେଚ୍ଛାସେବୀ ସଂଗଠନ ଓ ସମୁଦାୟକୁ ଏକ ମଞ୍ଚରେ ଆଣି ସମନ୍ୱିତ କାର୍ଯ୍ୟ ପାଇଁ ସୁଯୋଗ ସୃଷ୍ଟି କରିଛି। ସିନିର ରାଜ୍ୟ ମୁଖ୍ୟ ସସ୍ୱତୀ ନାୟକ ମହାପାତ୍ର କହିଥିଲେ, ଏହି ପରାମର୍ଶ ବୈଠକ ଭାଗୀଦାରିର ଶକ୍ତିକୁ ପ୍ରତିଫଳିତ କରୁଛି। ସେ ବିଭିନ୍ନ କ୍ଷେତ୍ରର ସହଯୋଗ ଲୋଡ଼ିଥିଲେ। ସେହିପରି ସିନିର ଲିଡ୍-ଇଞ୍ଜୁରି ପ୍ରିଭେନ୍ସନ୍ ଆଣ୍ଡ ନ୍ୟାସନାଲ୍ ଆଡଭୋକେସି ସୁଜୟ ରାୟ କହିଥିଲେ, ଗତ ଆଠ ବର୍ଷର ଅଭିଜ୍ଞତା ଶିଖାଇଛି ଯେ, କୌଣସି ଗୋଟିଏ ସଂସ୍ଥା ଏକାକୀ ବୁଡ଼ି ମୃତ୍ୟୁକୁ ରୋକିପାରିବ ନାହିଁ। ସରକାର, ସମୁଦାୟ, ବୈଷୟିକ ସଂସ୍ଥା ଓ ବିକାଶ ସହଯୋଗୀମାନେ ଏକାଠି କାମ କଲେ ହିଁ ସଫଳତା ମିଳିବ।

ବୈଠକରେ ଉପସ୍ଥିତ ସମସ୍ତେ ବିଶ୍ୱ ବୁଡ଼ି ମୃତ୍ୟୁ ନିବାରଣ ଶପଥ ପାଠ କରି ବହୁ-ବିଭାଗୀୟ ସହଯୋଗ, ପ୍ରମାଣ ଆଧାରିତ ପଦକ୍ଷେପ ଓ ସମନ୍ୱିତ କାର୍ଯ୍ୟାନ୍ୱୟନ ପ୍ରତି ନିଜର ପ୍ରତିବଦ୍ଧତା ଦର୍ଶାଇଥିଲେ। ଶେଷରେ ଓଡ଼ିଶା ବୁଡ଼ି ମୃତ୍ୟୁ ନିବାରଣ 'କଲ୍ ଟୁ ଆକ୍ସନ୍' ଗ୍ରହଣ କରାଯାଇଥିଲା।

ବୈଠକରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଓଡ଼ିଶା ସରକାର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଇଂଲଣ୍ଡର ରୟାଲ ନ୍ୟାସନାଲ ଲାଇଫବୋଟ ଇନଷ୍ଟିଚ୍ୟୁସନ, ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ, ଭାରତୀୟ ପାଣିପାଗ ବିଭାଗ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଭିନ୍ନ ବିଶ୍ୱବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ ଓ ସମୁଦାୟ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସିନିର ରାଜ୍ୟ ମୁଖ୍ୟ ସସ୍ୱତୀ ନାୟକ ମହାପାତ୍ର ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କବି କୁମରମଣୀ ତନ୍ତୀଙ୍କ କବିତା ସଂକଳନ 'ବିଦଗ୍ଧ କବିତା' ଲୋକାର୍ପଣ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରଗଡ଼ସ୍ଥ ସ୍ଥାନୀୟ ରୋଟାରୀ ଭବନ ଠାରେ କବି କୁମରମଣୀ ତନ୍ତୀଙ୍କ କବିତା ସଂକଳନ 'ବିଦଗ୍ଧ କବିତା' ଲୋକାର୍ପଣ ଉତ୍ସବ କେନ୍ଦୁଝର ଅନୁସୂଚିତ ଜାତି ଏକତା ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଅଧକ୍ଷତା କରି ସଭାପତି କବୟିତ୍ରୀ ଗୀତାଞ୍ଜଳି ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପୁସ୍ତକର ରଚୟିତା କବି କୁମରମଣୀ ତନ୍ତୀ ନିଜ ସଂଘର୍ଷମୟ ଜୀବନ କାହାଣୀ ଓ ସାହିତ୍ୟ ସାଧନା ସଂପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବରିଷ୍ଠ କବି ମାଗୁଣି ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଶିକ୍ଷାବିତ୍ ଡଃ ବିମ୍ବାଧର ବେହେରା, ବରିଷ୍ଠ କବି ଭରତ ଚନ୍ଦ୍ର ପାତ୍ର, କବି କୈଳାସ ଚନ୍ଦ୍ର ତନ୍ତୀ, ପ୍ରଫେସର ଡଃ ବିଜୟ ପାତ୍ର ଯୋଗ ଦେଇ କହିଥିଲେ ଯେ କବି କୁମରମଣୀ ତନ୍ତୀଙ୍କ କବିତା ପୁସ୍ତକ ଏକ ସଫଳ ଦଳିତ ସାହିତ୍ୟ ପୁସ୍ତକ। ଯେଉଁ କବିତାର ପ୍ରତି ଛତ୍ରେଛତ୍ରେ ଘୃଣ୍ୟ ଉତ୍କଟ ଜାତି ପ୍ରଥା, ଦଳିତ ପ୍ରତି ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣ ବିରୁଦ୍ଧରେ ସନ୍ଥକବି ଭୀମଭୋଇଙ୍କ ଭଳି ନିରବ ବିଦ୍ରୋହ ସ୍ୱର ପ୍ରତିଧ୍ୱନିତ ହୋଇଛି । ୨୯ଟି କବିତା ସମୂହ ଦଳିତ ନିର୍ଯାତିତ ମାନଙ୍କ ମନରୁ ଜଡ଼ତା, ନିଷ୍କ୍ରିୟତା ଭାଙ୍ଗି ଦେଇ ଚିନ୍ତା ଚେତନାକୁ ମାର୍ଜିତ, ଶାଣିତ, ଉଜ୍ଜିବୀତ ଓ ଉଦ୍ବେଳିତ କରି ଗଢିତୋଳିବ। ସମସ୍ତ କବିତାକୁ ପ୍ରାଞ୍ଜଳ, ବିସ୍ତୃତ ଭାବେ ସମୀକ୍ଷା କରିଥିଲେ ରାଉରକେଲାରୁ ଆସିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ, ତଥା କବି କାଶୀନାଥ ପାତ୍ର। ସଂପାଦକ ନିରୋଦ କୁମାର ବେହେରା ସଭା ପରିଚାଳନାକରି ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ସାମ୍ବାଦିକ ସୁଢଳ ସେଠୀ ଓ ବହୁଜନ ନେତା ସୋମନାଥ ଜେନା କବିତା ପାଠ କରିଥିଲେ। ଶେଷରେ ପାତ୍ର ତନ୍ତୀ ସମାଜର ସଭାପତି ବାବାଜୀ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଉତ୍ସବରେ କବି ହରେକୃଷ୍ଣ ବେଜ୍, ଲେଖକ, ସଂଗଠକ ଡମ୍ବରୁ ମହାନ୍ତ, ପବିତ୍ର ପାତ୍ର, ଶରତ ଚନ୍ଦ୍ର ପାତ୍ର, ପ୍ରେସ କ୍ଲବ ସଂପାଦକ ସାମ୍ବାଦିକ ଶରତ ଦାସ, ଏକତା ମଞ୍ଚ ଉପଦେଷ୍ଟା ଅଲେଖ ଚନ୍ଦ୍ର ପାତ୍ର, ହଳଧର ପାତ୍ର, ଆଇନଜୀବୀ ସନ୍ତୋଷ ଦାସ, ପାଲା ଗାୟକ ରମାକାନ୍ତ ପାତ୍ର, ଭାସ୍କର ପାତ୍ର, ଗୋକୁଳ ପାତ୍ର, ବସନ୍ତ କୁମାର ପାତ୍ର ଇତ୍ୟାଦି ଯୋଗ ଦେଇ ଏହି ଉତ୍ସବକୁ ସଫଳ କରିଥିଲେ ।

# ଭଗ୍ନ ସରକାରୀ କାର୍ଯ୍ୟାଳୟରେ ଖାଲି କଫ ସିରପ ଶିଶି

**କର୍ଲାମୁଣ୍ଡା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ବ୍ଲକର ଏକ ପରିତ୍ୟକ୍ତ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ବହୁ ସଂଖ୍ୟକ କଫ ସିରପର ଖାଲି ଶିଶି ପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟାଳୟଟି ଦୀର୍ଘଦିନ ଧରି ଭଗ୍ନ ଓ ଅବ୍ୟବହୃତ ଅବସ୍ଥାରେ ରହିଥିବା ବେଳେ ସେଠାରେ ବର୍ତ୍ତମାନ କୌଣସି କର୍ମଚାରୀ କାର୍ଯ୍ୟରତ ନାହାନ୍ତି। ତେବେ ଭଗ୍ନ କାର୍ଯ୍ୟାଳୟରୁ ମିଳିଥିବା ଏକାଧିକ କଫ ସିରପର ଖାଲି ବୋତଲ ପଡ଼ିଥିବା ଦେଖାଯାଉଛି।

ଏହି ଶିଶିଗୁଡ଼ିକ ସେଠାକୁ କିପରି ଆସିଲା ଏବଂ କେଉଁମାନେ କେଉଁଠୁ ଆଣି ବ୍ୟବହାର କରୁଛନ୍ତି ତାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ପରିତ୍ୟକ୍ତ ସରକାରୀ ଉକ୍ତ ଭବନରେ ଉଦ୍ୟାନ ବିଭାଗ ପକ୍ଷରୁ କର୍ମଚାରୀମାନଙ୍କ ନିୟମିତ ତଦାରଖ ନ ହେବାରୁ ଏଭଳି ଅସାମାଜିକ କାର୍ଯ୍ୟ ଗୁଡ଼ିକ ବଢ଼ିବାରେ ଲାଗିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅଞ୍ଚଳରେ ପୂର୍ବରୁ ମଦ ଓ ଗଞ୍ଜେଇର ବେଆଇନ କାରବାରକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଏହାରି ଭିତରେ କଫ ସିରପର ଖାଲି ଶିଶି ମିଳିବା ପରେ କେତେକ ଲୋକଙ୍କ ମନରେ କଫ ସିରପର ଅପବ୍ୟବହାର କିମ୍ବା ବେଆଇନ କାରବାର ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାର ପ୍ରକୃତ ସତ୍ୟ ଜାଣିବା ପାଇଁ ପୋଲିସ ଓ ସମ୍ପୃକ୍ତ ବିଭାଗ ତଦନ୍ତ କରି ପରିତ୍ୟକ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକର ସୁରକ୍ଷା ଓ ନିୟମିତ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



# ଗାବାନା କଳାକେନ୍ଦ୍ର ପକ୍ଷରୁ 'ସମ୍ବଲପୁରୀ ଭଏସ ଅଫ ଓଡ଼ିଶା' ଉଦ୍‌ଘାଟିତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରର ଅଗ୍ରଣୀ ସାରସ୍ୱତ ସାଂସ୍କୃତିକ ଅନୁଷ୍ଠାନ ଗାବାନା କଳା କେନ୍ଦ୍ର ପକ୍ଷରୁ 'ସମ୍ବଲପୁର ଭଏସ ଅଫ ଓଡ଼ିଶା' ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁରୀ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ସମ୍ବଲପୁରୀ ଲୋକ ସଂଗୀତର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଗାବାନା କଳା କେନ୍ଦ୍ରର ଏହି ବିଶେଷ ପ୍ରୟାସ କରାଯାଇଛି। ସମ୍ବଲପୁରର ଓଡ଼ିଶା ସାଂସ୍କୃତିକ ସମାଜ ସଭାଗୃହ ଠାରେ ଆୟୋଜିତ ହୋଇଥିବା ଏହି 'ସମ୍ବଲପୁରୀ ଭଏସ ଅଫ ଓଡ଼ିଶା' କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗୀତର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. କ୍ରିଷ୍ଣା ପଟେଲ, ବିଭୁତି ଭୂଷଣ ପଟ୍ଟନାୟକ ଓ ଚିତ୍ତ ରଞ୍ଜନ ବେହେରା ପ୍ରମୁଖ ବିଚାରକ ଭାବେ ଯୋଗ ଦେବାସହ ଇଷ୍ଟଦେବୀ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ସହ ବିଶେଷ ଅତିଥି ଭାବରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# ଦେଶୀ ମଦ ଓ ରାସାୟନିକ ନିଶା କବଳରେ କୋରାପୁଟ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସହ ଜୟପୁର ସହର ରାସାୟନିକ ନିଶା କବଳରେ ରହିଛି। ଜୟପୁର ଟାଉନ ପୋଲିସ ମଧ୍ୟ ବିଗତ ଦିନରେ ଧଳା ଜହର ନିଶା ଇଞ୍ଜେକସନ ମଧ୍ୟ ଜବତ କରିଛି। ଆଦିବାସୀ ବହୁଳ ଜିଲ୍ଲାରେ ଦେଶୀ ମଦ କାରବାର ଜୋରସୋରରେ ଚାଲିଛି। ଏହାକୁ ରୋକ ଲଗାଇବା ପାଇଁ ଜୟପୁର, ବୋରିଗୁମା, କୁନ୍ଦୁରାରେ ମହିଳାମାନେ ମଦ ବନ୍ଦ କରିବା ପାଇଁ ଅବକାରି ବିଭାଗର ଦ୍ୱାରସ୍ଥ ହୋଇ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପୁରପଲ୍ଲୀରେ ବାର ମାସରେ ତେର ପର୍ବ ପାଳନ ପାରମ୍ପରିକ ପରମ୍ପରା। ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣୀ ଓ ବିବାହ ଭଳି ସାମାଜିକ ଓ ସାଂସ୍କୃତିକ ମହୋତ୍ସବ ପାଳନ ସମୟରେ କର୍ମକ୍ଳାନ୍ତ ଜୀବନରୁ ଫୁରସତ ପାଇ ଉତ୍ସବାନୁଷ୍ଠାନରେ ଲୋକବାଦ୍ୟ ଓ ଲୋକଗୀତର ତାଳେ ତାଳେ ନାଚଗୀତରେ ଝୁମି ବନବାସୀ ଅବସର ବିନୋଦନ କରିବା ପାରମ୍ପରିକ ବୋଲି କୁହାଯାଉଛି। ଆବାଳ ବୃଦ୍ଧବନିତା ସମସ୍ତେ ଏକାକାର ହେବା ସହ ଉପଭୋଗ କରିଥାନ୍ତି ପର୍ବପାଳନର ସେଇ ମୁହୂର୍ତ୍ତକୁ। ଆଉ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ହଜେଇ ବିଭୋର ହୋଇଥିବା ବନବାସୀ ସମାଜ ସାମାନ୍ୟ ନିଶା ସେବନକୁ ଆପଣାଇ ନେଇ ପୂର୍ବପୁରୁଷର ପରମ୍ପରାକୁ ଜୀବନ୍ତ କରିଥାନ୍ତି। ତେବେ ଅତୀତରୁ ପ୍ରଚଳିତ ପ୍ରକୃତିଦତ୍ତ ପାନୀୟ ମଧ୍ୟରେ ସଲପ ରସ, ଖଜୁରୀ ରସ, ମାଣ୍ଡିଆ ଓ ଚାଉଳ ଆଦି ଶସ୍ୟରୁ ପ୍ରସ୍ତୁତ ପାନୀୟର ବହୁଳ ବ୍ୟବହାର ହେଉଥିବା ବେଳେ ସୁସ୍ଥ ନିରାମୟ ଜୀବନ ବିତାଉଥିବା ବନବାସୀ ସମାଜ ଏବେ ପ୍ରଚଳିତ ଆଧୁନିକତା ଛାପର ବଶବର୍ତ୍ତୀ ହୋଇ ପ୍ରାକୃତିକ ନିଶା ପାନୀୟରୁ ଦୂରେଇ ଯିବା ସହ ରାସାୟନିକ ବିଷାକ୍ତ ପାନୀୟକୁ ଆପଣାଇ ନେଲେଣି। ଯେଉଁଥିପାଇଁ କୋରାପୁଟ ଜିଲା ପାଲଟିଛି ଦେଶୀ ମଦ ବା ଜହରର ଆଡ୍ଡାସ୍ଥଳି। ସରକାର ଅବକାରୀ ଟିକସ ନିଶାରେ କାରବାରକୁ ପ୍ରୋତ୍ସାହନ ଦେଉଥିବା ବେଳେ ଏବେ ବିଭିନ୍ନ ଅଞ୍ଚଳରେ କାୟାବିସ୍ତାର କରିଲାଣି ରାସାୟନିକ ନିଶା କାରବାର। କୋରାପୁଟ ଭଳି ଆଦିବାସୀ ଅଧୁଷିତ ଜିଲ୍ଲାପାଇଁ ସରକାରଙ୍କ ପକ୍ଷରୁ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ ଧାର୍ଯ୍ୟ କରାଯାଇଛି। ତେବେ ଧାର୍ଯ୍ୟ ଟିକସ ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଆମଦାନୀ ପୂରଣ ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଂଚଳରେ ଅତିରିକ୍ତ ମଦ କାରବାର ସୁଯୋଗ ସୃଷ୍ଟି କରାଯାଉଥିବା ବେଳେ ପରୋକ୍ଷରେ ବେଆଇନ ନିଶା କାରବାର ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଆଦିବାସୀ ଅଞ୍ଚଳରେ ପ୍ରତି ଗାଁରେ ମାଫିଆମାନେ ମଦ ଉତ୍ପାଦନକୁ କୁଟୀର ଶିଳ୍ପରେ ପରିଣତ କରିବା ଭଳି ଅଭାବନୀୟ ସମସ୍ୟା ଉପୁଜୁଛି। ଅଧିକ ମୁନାଫା ଆଶାରେ ମନ ପସନ୍ଦର ମଦ ପ୍ରସ୍ତୁତ ସମୟରେ ବିଭିନ୍ନ ରାସାୟନିକ ବିଷାକ୍ତ ଦ୍ରବ୍ୟ ଯଥା ଆମୋନିଆ ସାର ଆଦି ମିଶ୍ରଣ କରାଯାଉଥିବା ଅଭିଯୋଗ ବିଭିନ୍ନ ସମୟରେ ହେଉଛି। ବିଷାକ୍ତ ରାସାୟନିକ ମଦ ବ୍ୟବହାର କାରଣରୁ ଯୁବ ବୟସରେ ରୋଗଗ୍ରସ୍ତ ହେବା ସହ ଅକାଳରେ ଚାଲିଯାଉଛି ଅମୂଲ୍ୟ ଜୀବନ। ତେବେ ଗୋଟିଏ ପଟେ ଧାର୍ଯ୍ୟ ଟିକସ ଆଦାୟ ଲକ୍ଷ୍ୟ ଓ ଅନ୍ୟପଟେ ନିଜସ୍ୱ ରୋଜଗାର ନିଶାରେ ଅବକାରୀ ବିଭାଗ ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା କଷ୍ଟକର ହୋଇଯାଇଛି। ଅପରପକ୍ଷେ ବିଷାକ୍ତ ପାନୀୟ ବ୍ୟବହାରରୁ ଶାନ୍ତ ଗ୍ରାମାଞ୍ଚଳ ଅଶାନ୍ତ ହେଉଥିବା ବେଳେ ବିଭିନ୍ନ ପ୍ରକାର ସାମାଜିକ ଓ ଘରୋଇ ହିଂସାକୁ ଆପଣାଇବା ଭଳି ପରିସ୍ଥିତି ଉପୁଜିଛି। ବିଶେଷ ଭାବରେ ଯୁବପିଢ଼ୀ ନିଶା ପ୍ରତି ଆକୃଷ୍ଟ ହେଉଥିବା ବେଳେ ଆର୍ଥିକ ଓ ସାମାଜିକ ସ୍ଥିତି ଭୁଶୁଡ଼ିବା ସହ ଭବିଷ୍ୟତ ଅନ୍ଧାରୀ ମୁଳକ ଆଡକୁ ଠେଲି ହୋଇଯାଉଛି। ନିଶାର ବହୁଳ ବ୍ୟବହାର ପାଇଁ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବା ଅସମ୍ଭବ ବ୍ୟାପାର ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ କିଛି ଗ୍ରାମାଞ୍ଚଳରେ ମହିଳାମାନେ ଜାଗ୍ରତ ହେବାସହ ମଦ କାରବାର ବନ୍ଦ ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି। ମଦ ବିକିଲେ ଅଥବା ପିଇଲେ ଜରିମାନା ଧାର୍ଯ୍ୟ କରିଛନ୍ତି। ମହିଳାମାନଙ୍କ ଉଦ୍ୟମକୁ ବିଭିନ୍ନ ସ୍ତରରେ ସ୍ୱାଗତ କରାଯାଇଥିବା ବେଳେ ପ୍ରଶାସନିକ ସଦିଚ୍ଛା ଓ ସହଯୋଗ ନମିଳିଲେ ଉଦ୍ୟମ ସଫଳ ହୋଇପାରିବ ନାହିଁ ବୋଲି କୁହାଯାଉଛି। ନିଶା କାରବାର ପରୋକ୍ଷରେ ଦାଦନ ସମସ୍ୟା ବଢ଼ାଇବା ସହ ଜିଲ୍ଲା ଅର୍ଥନୀତିକୁ ପ୍ରଭାବିତ କରୁଛି ଓ ଗରୀବରୁ ଗରୀବତମ ଅବସ୍ଥାକୁ ଆମନ୍ତ୍ରଣ କରୁଛି। ପଛୁଆ ଅଞ୍ଚଳରେ ବେଧଡ଼କ ନିଶା କାରବାର ଉପରେ ରୋକ ଲଗାଯାଇ ପାରିଲେ ଆଦିବାସୀ ଜିଲ୍ଲାର ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏହା ସହ ବେଆଇନ ମଦ କାରବାର ବନ୍ଦ କଲେ ମହିଳା ମାନେ ମଧ୍ୟ ଉପକୃତ ହୋଇପାରନ୍ତେ। ଜିଲ୍ଲାରେ ମଦ କରାବାର ବନ୍ଦ କରିବା ପାଇଁ ବିଧାନ ସଭାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବାର ବାର ଦାବି କରିଥିବା ବେଳେ ସରକାର ଉଚିତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି। କୁନ୍ଦୁରାରେ ମଦ କାରବାର ବନ୍ଦ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ମଧ୍ୟ ଘେରାଉ କରିଥିଲେ। ମଦ କାରବାର ବନ୍ଦ କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# 'AI ଡ୍ରୋନ୍'ରୁଷୀୟ ସୈନ୍ୟଙ୍କ ପାଇଁ ପାଲଟିଛି ଘାତକ

ଦୀର୍ଘଦିନରୁ ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଏବେ ଏକ ନୂଆ ମୋଡ଼ ନେଇଛି । ଯୁଦ୍ଧକ୍ଷେତ୍ରରେ ୟୁକ୍ରେନ ସେନାକୁ ସାମ୍ନା କରିବା ଏବେ ପୁଟିନଙ୍କ ପାଇଁ ଆଦୌ ସହଜ ହେଉନାହିଁ । ଆମେରିକାର ପ୍ରମୁଖ ଗୁଇନ୍ଦା ଏଜେନ୍ସି 'ସିଆଇଏ' (CIA)ର ନିର୍ଦ୍ଦେଶକ ରାଟ୍‌କ୍ଲିଫ୍ ଏକ ସାଂଘାତିକ ତଥ୍ୟ ପ୍ରକାଶ କରିଛନ୍ତି । ତାଙ୍କ କହିବା ଅନୁସାରେ, ଯୁଦ୍ଧ ମଇଦାନରେ ୟୁକ୍ରେନ ସୈନ୍ୟଙ୍କ ରଣନୀତି ଆଗରେ ରୁଷୀୟ ସୈନ୍ୟମାନେ ହାରାହାରି ମାତ୍ର ୨୦ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ହିଁ ଜୀବିତ ବା ସୁରକ୍ଷିତ ତିଷ୍ଠି ରହିପାରୁଛନ୍ତି । ୟୁକ୍ରେନ ପକ୍ଷରୁ ବ୍ୟାପକ ଭାବେ ବ୍ୟବହାର କରାଯାଉଥିବା ଅତ୍ୟାଧୁନିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (AI) ଚାଳିତ ଡ୍ରୋନ୍ ଏବେ ରୁଷ୍ ବାହିନୀ ପାଇଁ ସବୁଠାରୁ ବଡ଼ ସମସ୍ୟା ପାଲଟିଛି । ସିଆଇଏ ନିର୍ଦ୍ଦେଶକଙ୍କ ରିପୋର୍ଟ ଅନୁଯାୟୀ, AI ଡ୍ରୋନ୍‌ର ଘନ ଘନ ଆକ୍ରମଣ ଯୋଗୁଁ ରୁଷ୍ ସେନା ମଧ୍ୟରେ ସୈନ୍ୟ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ସ୍ଥିତି ଏପରି ହୋଇଛି ଯେ, ରୁଷ୍ ପାଖରେ ଏବେ ନୂଆ ସୈନ୍ୟ ସାମିଲ କରିବା ପାଇଁ ବଡ଼ ସମସ୍ୟା ଦେଖାଦେଇଛି । ଯେଉଁ ହାରରେ ରୁଷୀୟ ସୈନ୍ୟ ପ୍ରାଣ ହରାଉଛନ୍ତି, ସେହି ହାରରେ ତୀବ୍ରଗତିରେ ନୂଆ ସୈନ୍ୟଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇବା ପୁଟିନ ପ୍ରଶାସନ ପାଇଁ ଏକ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି । ରିପୋର୍ଟ ମୁତାବକ, ରୁଷ୍ ସେନା ପ୍ରତି ସପ୍ତାହରେ ହାରାହାରି ପ୍ରାୟ ୭,୦୦୦ ସୈନ୍ୟଙ୍କୁ ହରାଉଛି । ୟୁକ୍ରେନ ସଶସ୍ତ୍ର ବାହିନୀର ମୁଖ୍ୟ କମାଣ୍ଡର ଓଲେକ୍ସାଣ୍ଡର ସିରିସ୍କି ମଧ୍ୟ ନିକଟରେ ରୁଷ୍‌ର ସ୍ଥିତିକୁ ନେଇ ଏକ ବଡ଼ ଦାବି କରିଥିଲେ । ତାଙ୍କ କହିବା ଅନୁସାରେ, ଯୁଦ୍ଧର ପ୍ରମୁଖ କେନ୍ଦ୍ର ପାଲଟିଥିବା ଡୋନେସ୍କ ଅଞ୍ଚଳରେ ମାତ୍ର ୧ ବର୍ଗ କିଲୋମିଟର ଭୂଭାଗ ଦଖଲ କରିବା ପାଇଁ ରୁଷ୍ ବାହିନୀକୁ ୪୦୦ରୁ ଅଧିକ ସୈନ୍ୟ ହରାଇବାକୁ ପଡୁଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ରୁଷ୍ ପାଖରେ ସୈନ୍ୟ ସଂଖ୍ୟା ୟୁକ୍ରେନ ତୁଳନାରେ ଯେତେ ଅଧିକ ଥିଲେ ମଧ୍ୟ, ଟେକ୍ନୋଲୋଜି ଯୁଦ୍ଧରେ ସେମାନେ ପଛେଇ ଯାଉଛନ୍ତି । ସିଆଇଏ ମୁଖ୍ୟଙ୍କ କହିବା ଅନୁସାରେ, ୟୁକ୍ରେନ ବହୁତ କମ୍ ଖର୍ଚ୍ଚରେ ଏହି ମାରାତ୍ମକ AI ଡ୍ରୋନ୍ ଗୁଡ଼ିକୁ ନିଜ ଦେଶରେ ହିଁ ନିର୍ମାଣ କରୁଛି । ଏହି ସ୍ମାର୍ଟ ଡ୍ରୋନଗୁଡ଼ିକ ବିନା ମାନବ ସହାୟତାରେ ଶତ୍ରୁପକ୍ଷର ବଙ୍କର ଓ ସୈନ୍ୟଙ୍କୁ ଚିହ୍ନଟ କରି ସଠିକ୍ ଆଟାକ୍ କରୁଛନ୍ତି । ଏହି ଅତ୍ୟାଧୁନିକ ବୈଷୟିକ ଉଦ୍ଭାବନ ଯୋଗୁଁ ବିଶାଳ ରୁଷ୍ ବାହିନୀକୁ ଅଟକାଇବାରେ ୟୁକ୍ରେନ ସଫଳ ହେଉଛି । ୟୁକ୍ରେନର ଏହି AI ଡ୍ରୋନ୍‌ର ବ୍ୟାପକ ସଫଳତା ଏବେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଚକିତ କରିଛି । ଏହାକୁ ଦୃଷ୍ଟିରେ ରଖି ଆମେରିକା ଏବଂ ଅନ୍ୟ ସହଯୋଗୀ ନାଟୋ (NATO) ଦେଶଗୁଡ଼ିକ ୟୁକ୍ରେନର ଡ୍ରୋନ୍ ବିକାଶ କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ ଯୋଗାଇବାକୁ ଚିନ୍ତା କରୁଛନ୍ତି । ଏହାସହ ଏହି ମାରାତ୍ମକ AI ସିଷ୍ଟମର ମୂଳ ପ୍ରଯୁକ୍ତିବିଦ୍ୟାକୁ ହାସଲ କରିବା ପାଇଁ ଆମେରିକା ଏବେ ବେଶ୍ ଆଗ୍ରହ ପ୍ରକାଶ କରିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଗୁପ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଛୋଟ କଥା କିନ୍ତୁ ବଡ ପରଦା । ଏହାର ଅର୍ଥ ହେଉଛି ଗୁପ୍ତକୁ ଯେ ପରିପ୍ରକାଶ କରେ ସେ କିଏ ? ଗୁଣକୁ ଯେ ଧାରଣ କରି ଗୁଣବନ୍ତ କରାଏ ସେ କିଏ ? ଗୋଟିଏ ଛୋଟ କଥା କହୁଛି ଶୁଣ-କଥାରେ ଅଛି ନାରୀକୁ ବା ସ୍ତ୍ରୀକୁ ଗୁମର କଥା କହିବ ନାହିଁ କି ପେଟର କଥା କହିବ ନାହିଁ । ଏହାର ଅର୍ଥ ସମସ୍ତେ ଜାଣନ୍ତି ଏବଂ କୁହନ୍ତି । ଆରେ ମା ମାଇପ ଏ ହେଲେ ମାଟି ମାଟିରେ ଯେଉଁ ମଞ୍ଜି ବୁଣିବ ସେ ଗଛ ଉଠିବ ହିଁ ଉଠିବ । ସେ ହିଁ ତାର ପରିପ୍ରକାଶ କରିବ ହିଁ କରିବ । ତାର ଗୁଣକୁ ସେ ଗୁଣବନ୍ତ କରିବ ହିଁ କରିବ । କାରଣ ସେ ତାର ଧର୍ମକୁ ପାଳନ କରେ । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି । କିନ୍ତୁ ସମସ୍ତେ କୁହନ୍ତି ସ୍ତ୍ରୀ ଲୋକଗୁଡାକ ଖରାପ । ତାଙ୍କର ସଂଯମତା ନାହିଁ । ଆରେ ପ୍ରଥମ ମୂଳ କଥା ହେଲା ତୁମର ତ ସଂଯମତା ନାହିଁ । ତୁମେ ତୁମର ବାକ୍ୟର ମଞ୍ଜିକୁ ତାଙ୍କଠାରେ ବୁଣିଲେ ସେ ତ ତାର ଧର୍ମ ପାଳନ କଲା, ସେ ମଞ୍ଜିରୁ ଗଛତ ଉଠିବ ହିଁ ଉଠିବ କାରଣ ସେ ତ ମାଟି । ସେ କେଭେ କାହାର ଧାରୁଆ ହେବ ନାହିଁ । ତୁମେ ତୁଳସୀ ମଞ୍ଜି ବୁଣ କି ବିଛୁଆତି ମଞ୍ଜି ବୁଣ ସେ ତାର ପ୍ରକାଶ କରିବା କଥା କରିବ ତାର ଗୁଣକୁ ଜଗତରେ ଗୁଣବନ୍ତ କରି ଲୋକଲୋଚନକୁ ଆଣିବ ହିଁ ଆଣିବ । ଏଥିରେ ତାର ଦୋଷ କେଉଁଠି ରହିଲା । ତେଣୁ ତୁମେ ଦୋଷ କରି ମା ମୁଣ୍ଡରେ ଲଦି ଦେଉଛ କାହିଁକି ? ମାକୁ ଘୃଣା କରୁଛ କାହିଁକି ? ଏହା କଣ ମାନବ ଜାତିର ସଭ୍ୟତା । ତେଣୁ ହେ ମାନବ ଦୋଷକୁ ସ୍ୱୀକାର କର । ମୁକ୍ତି ପାଇଯିବ । ନଚେତ୍ ତୁମକୁ ହିଁ ସେହି ଫଳ ଭୋଗିବାକୁ ପଡିବ ସାବଧାନ । ହରି ଓଁ ।

◆◆

# ଶ୍ରୀଜଗନ୍ନାଥ ସଂସ୍କୃତିରେ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ



ହେମନ୍ତ କୁମାର ଗନ୍ତାୟତ
ଦର୍ଶନ ଅଧ୍ୟାପକ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ, କବିସୂର୍ଯ୍ୟ ନଗର
୯୮୬୧୩୩୪୮୬୮



ସମଗ୍ର ଭୂମଣ୍ଡଳରେ ଯେତେ ଉନ୍ନତ ଓ ଆଧାତ୍ମିକ ସଂସ୍କୃତି ରହିଛି ସେଥି ମଧ୍ୟରୁ ଜଗନ୍ନାଥ ସଂସ୍କୃତି ହେଉଛି ସର୍ବ ଶ୍ରେଷ୍ଠୋତ୍ତମ ସଂସ୍କୃତି । ଏହି ସଂସ୍କୃତିରେ ସର୍ବ ଧର୍ମ ସମନ୍ୱୟ ଭାବ ସହିତ, ଭକ୍ତକୁ ପୂଜ୍ୟ ପୂଜାର ସ୍ଥାନ ପ୍ରଦାନ କରାଯାଇଛି । କାରଣ ଏ ସଂସ୍କୃତିର ଇଷ୍ଟ ଅଟନ୍ତି ଭକ୍ତବତ୍ସଳ ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ଏପରି ଏକ ଠାକୁର ଯେ, ଭକ୍ତର ଭକ୍ତି ପାଇଁ ରତ୍ନବେଦୀ ଛାଡ଼ି କୁଡ଼ିଆକୁ ମଧ୍ୟ ଆସନ୍ତି ଏବଂ ଭକ୍ତର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ବି ସମ୍ପୂର୍ଣ୍ଣ କରନ୍ତି । ସେ'ଭଳି ଭକ୍ତ ମଧ୍ୟ ନିଜ ଭକ୍ତି ରସରେ ମଜ୍ଜି ଏପରି କାଳଜୟୀ ରଚନା କରିଦିଏ ଯେ, ଯାହା କି ଭଗବାନ ଭକ୍ତର ଅଧୀନ ହେବାକୁ ବାଧ୍ୟ ହୋଇଯାନ୍ତି । ସେହିପରି ରଚନାର ରଚୟିତା ହେଉଛନ୍ତି ମହାକବି ତଥା ଭକ୍ତ ଶ୍ରେଷ୍ଠ ଶ୍ରୀଜୟଦେବ । ତାହାଙ୍କ ଦ୍ୱାରା ବିରଚିତ କାଳଜୟୀ ରସପୂର୍ଣ୍ଣ ମହାକାବ୍ୟର ନାମ ହେଲା 'ଗୀତଗୋବିନ୍ଦ । ଯାହା ଜଗନ୍ନାଥ ସଂସ୍କୃତି ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ । ଏଥିରେ ୧୨ ଗୋଟି ସର୍ଗ ରହିଛି । ତେଣୁ ଆଳଙ୍କାରିକ ଦୃଷ୍ଟିରୁ ଏହା ଏକ ମହାକାବ୍ୟ । ସେଥିପାଇଁ ଜୟଦେବଙ୍କୁ ମହାକବି କୁହାଯାଏ । କିନ୍ତୁ ତାଙ୍କର ଚର୍ଚ୍ଚା ଗୀତିକାବ୍ୟକାରମାନଙ୍କ ମଧ୍ୟରେ ଦେଖାଯାଏ । 'ଗୀତଗୋବିନ୍ଦ' ଏକ ଗାନପ୍ରଧାନ ସଙ୍ଗୀତମୟ କାବ୍ୟ । ଏଥିରେ ନାଟ୍ୟ, ନୃତ୍ୟ ଓ ବାଦ୍ୟର ସମନ୍ୱିତ ରୂପ ରହିଛି । ଏଥିପାଇଁ ବିଦ୍ୱାନମାନେ ଜୟଦେବ ଗୀତିକାବ୍ୟର ପ୍ରଥମ ସ୍ରଷ୍ଟା ବୋଲି ମତ ପୋଷଣ କରିଛନ୍ତି ।

ମହାକବି ଜୟଦେବଙ୍କ ଜନ୍ମିତ ସ୍ଥାନ ଉପରେ ଅନେକଙ୍କ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳେ । ସେଥି ମଧ୍ୟରୁ ଅଧିକାଂଶଙ୍କ ମତ ହେଉଛି ଯେ, ଜୟଦେବ ତତ୍କାଳୀନ ଉତ୍କଳ ପ୍ରଦେଶର ପୁରୀ ମଣ୍ଡଳ ଅନ୍ତର୍ଗତ (ବର୍ତ୍ତମାନ ଓଡ଼ିଶା ରାଜ୍ୟର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ) ପ୍ରାଚୀ ନଦୀ କୂଳରେ ଅବସ୍ଥିତ କେନ୍ଦୁବିଲ୍ୱ ନାମକ ଗ୍ରାମର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ନାମ ଭୋଜଦେବ ଏବଂ ମାତାଙ୍କ ନାମ ଥିଲା ରମାଦେବୀ । ଏହି ବିଷୟରେ ମହାକବି ସ୍ୱରଚିତ ଗୀତଗୋବିନ୍ଦର ଅନ୍ତିମ ଶ୍ଳୋକରେ କହିଛନ୍ତି:

ଶ୍ରୀଭୋଜଦେବପ୍ରଭବସ୍ୟ ରମାଦେବୀ ସୁତଶ୍ରୀଜୟଦେବ କସ୍ୟ । ପରାଶରାଦିପ୍ରିୟବର୍ଗକଣ୍ଠେ ଶ୍ରୀଗୀତଗୋବିନ୍ଦକବିତ୍ୱମସ୍ତୁ ॥

ସେହିପରି କାବ୍ୟରେ ଅନେକ ସ୍ଥାନରେ ସେ 'ଜୟତି ପଦ୍ମାବତୀରମଣଜୟଦେବକବିଃ' ଉଲ୍ଲେଖ କରିଛନ୍ତି । ଏହି ଉକ୍ତିରୁ ଜଣାପଡ଼େ ଯେ, ପଦ୍ମାବତୀ ଜୟଦେବଙ୍କ ଧର୍ମପତ୍ନୀ ଥିଲେ । ପୂର୍ବରୁ କୁହାଯାଇଛି ଯେ, ଜୟଦେବଙ୍କ ଶ୍ରେଷ୍ଠ କୀର୍ତ୍ତି ହେଉଛି 'ଗୀତଗୋବିନ୍ଦ' । ଯାହା ସଂସ୍କୃତ ଭାଷାରେ ରଚିତ ହୋଇଛି । ଏହି ମହାକାବ୍ୟରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ଦିବ୍ୟ ପ୍ରେମ, ବିରହ, ମିଳନ ଏବଂ ରାସଲୀଳା ଆଦିକୁ ଅତି ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି । ଏଥିରେ ଶୃଙ୍ଗାର ରସର ପ୍ରାଧାନ୍ୟ ଥିଲେ ମଧ୍ୟ ଏହା କାମୁକତା ନୁହେଁ, ବରଂ ଜୀବାତ୍ମା (ରାଧା) ଏବଂ ପରମାତ୍ମା (କୃଷ୍ଣ)ଙ୍କ ମିଳନର ଆଧ୍ୟାତ୍ମିକ ରୂପକ । ଉକ୍ତ ଗ୍ରନ୍ଥ ବିଷୟରେ ଅନେକ ଚମତ୍କାରୀ ଲୋକକଥା ରହିଛି । ସେଥିମଧ୍ୟରୁ ପ୍ରସିଦ୍ଧ କଥାଟି ହେଉଛି 'ଦେହି ପଦପଲ୍ଲବମୁଦାରମ୍' । ଜୟଦେବ କାବ୍ୟ ରଚନା ସମୟରେ ଯେତେବେଳେ ଶ୍ରୀକୃଷ୍ଣ ରାଧାଙ୍କ ମାନଭଞ୍ଜନ ପାଇଁ ତାଙ୍କ ପାଦକୁ ନିଜ ମୁଣ୍ଡରେ ରଖିବା କଥା ଆସିଲା, ସେତେବେଳେ ସେ (ଜୟଦେବ) ଭଗବାନଙ୍କ ପ୍ରତି ଏପରି ଲେଖିବାକୁ ସଙ୍କୋଚ ବୋଧ କଲେ ଏବଂ ସେ ଅସମ୍ପୂର୍ଣ୍ଣ ଲେଖାଟିକୁ ବନ୍ଦ କରି ଗାଧୋଇବାକୁ ଚାଲିଗଲେ । ସେହି ସମୟରେ ସ୍ୱୟଂ ଜଗନ୍ନାଥ ଜୟଦେବଙ୍କ ରୂପ ଧାରଣ କରି ଆସିଲେ ଏବଂ ପୋଥିରେ 'ସ୍ମରଗରଳଖଣ୍ଡନଂ ମମ ଶିରସି ମଣ୍ଡନଂ ଦେହି ପଦପଲ୍ଲବମୁଦାରମ୍' ପଦଟି ଲେଖିଦେଇ ଚାଲିଗଲେ । ଏହା ପରେ ଜୟଦେବ ଯେତେବେଳେ ଫେରିଲେ ସେ ଏହି ଦିବ୍ୟ ଲୀଳାକୁ ବୁଝି ଭାବବିହ୍ୱଳ ହୋଇପଡ଼ିଥିଲେ ।

ଆମ ଜଗନ୍ନାଥ ସଂସ୍କୃତିରେ ବିଶେଷତଃ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ଶ୍ରୀକୃଷ୍ଣ ବା ବିଷ୍ଣୁ ଭାବେ ପୂଜା କରାଯାଏ । କିନ୍ତୁ କବି ଜୟଦେବ ତାଙ୍କ ଗୀତଗୋବିନ୍ଦରେ ଶ୍ରୀଜଗନ୍ନାଥଙ୍କୁ ହିଁ ରାଧା-କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଏବଂ ପୂର୍ଣ୍ଣବ୍ରହ୍ମ ଭାବେ ଚିତ୍ରିତ କରିଛନ୍ତି । ମହାପ୍ରଭୁ କବିଙ୍କ ପାଇଁ କେବଳ ଏକ ଦାରୁର ମୂର୍ତ୍ତି ନଥିଲେ, ବରଂ ସେ ଥିଲେ ତାଙ୍କ ନିମନ୍ତେ ସାକ୍ଷାତ୍ ବ୍ରଜେନ୍ଦ୍ର ନନ୍ଦନ ଶ୍ରୀକୃଷ୍ଣ । ସାଧାରଣତଃ ପୁରାଣ ମାନଙ୍କରେ ବିଷ୍ଣୁଙ୍କୁ ମୂଳ ଦେବତା ଏବଂ ଜଗନ୍ନାଥ କିମ୍ବା କୃଷ୍ଣଙ୍କୁ ତାଙ୍କର ଅବତାର କୁହାଯାଇଥାଏ । କିନ୍ତୁ ଜୟଦେବ ଏକ ବିପ୍ଲବାତ୍ମକ ଆଧାତ୍ମିକ ଚିନ୍ତାଧାରା ଆଣିଲେ । ସେ ଦର୍ଶାଇଥିଲେ ଯେ ଶ୍ରୀଜଗନ୍ନାଥ (ଶ୍ରୀକୃଷ୍ଣ) ହେଉଛନ୍ତି ମୂଳ ଅବତାରୀ ବା କାରଣ ସ୍ୱରୂପ ଏବଂ ମୀନ, କୂର୍ମ, ବରାହ ଆଦି ଦଶଗୋଟି ଅବତାର ତାଙ୍କ ମଧ୍ୟରୁ ହିଁ ସୃଷ୍ଟି ହୋଇଛନ୍ତି । ଯାହା ସ୍ପଷ୍ଟ କରେ ଯେ ଜଗନ୍ନାଥ ହିଁ ସମସ୍ତ ଅବତାରର ଉତ୍ସ । ଶ୍ରୀମନ୍ଦିରର ରତ୍ନବେଦୀରେ ଏବଂ ସାନ୍ଧ୍ୟ ଆଳତୀ ସମୟରେ ଏହି ଦଶାବତାର ଚିନ୍ତାଧାରାର ଝଲକ ଦେଖିବାକୁ ମିଳେ । ଯାହା ଦ୍ୱାଦଶ ଶତାବ୍ଦୀରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଏହି ଗୀତଗୋବିନ୍ଦ ଗାନ କରାଯିବାର ପରମ୍ପରା ଚାଲି ଆସିଛି । ଜଗନ୍ନାଥ ସଂସ୍କୃତିରେ ଗୀତଗୋବିନ୍ଦ କେବଳ ଏକ ସାହିତ୍ୟିକ ଗ୍ରନ୍ଥ ନୁହେଁ, ଏହା ମହାପ୍ରଭୁଙ୍କ ସେବାପୂଜାର ଏକ ଅପରିହାର୍ଯ୍ୟ ଅଙ୍ଗ । କାଳିଆ ସାଆନ୍ତଙ୍କ ବଡ଼ସିଂହାର ବେଶ ହେଉ ବା ପହୁଡ଼ ନୀତିରେ ପ୍ରତିଦିନ ଗୀତଗୋବିନ୍ଦ ଗାନ କରାଯାଏ । ବିଶ୍ୱାସ ରହିଛି ଯେ ମଧୁର ଗୀତଗୋବିନ୍ଦ ନଶୁଣିଲେ ମହାପ୍ରଭୁଙ୍କୁ ନିଦ ଆସେ ନାହିଁ । ଶ୍ରୀମନ୍ଦିରର ନାଟମଣ୍ଡପରେ ମହାରୀ ବା ଦେବଦାସୀମାନେ ଏହି ସଙ୍ଗୀତର ପଦାବଳୀ ଉପରେ ନୃତ୍ୟ ପ୍ରଦର୍ଶନ କରି ପ୍ରଭୁଙ୍କୁ ସନ୍ତୁଷ୍ଟ କରୁଥିଲେ । ସେହିପରି ମହାପ୍ରଭୁଙ୍କ ବଡ଼ସିଂହାର ବେଶରେ ବ୍ୟବହୃତ ହୋଇଥାଏ ବିଶେଷ ଖଣ୍ଡୁଆ ପାଟ ଯହିଁରେ ଗୀତଗୋବିନ୍ଦର ଶ୍ଳୋକଗୁଡ଼ିକ ବୁଣାଯାଇଥାଏ । ଏହି ପବିତ୍ର ବସ୍ତ୍ରକୁ ମହାପ୍ରଭୁ ଅଙ୍ଗରେ ଧାରଣ କରନ୍ତି ।

ଐତିହାସିକ ସ୍ୱୀକୃତି ଓ ରାଜକୀୟ ଆଦେଶ ଜଗନ୍ନାଥ ସଂସ୍କୃତି ସହିତ ଜୟଦେବଙ୍କ ଗୀତଗୋବିନ୍ଦର ସମ୍ପର୍କ ଏତେ ନିବିଡ଼ ଥିଲା ଯେ ଓଡ଼ିଶାର ସୂର୍ଯ୍ୟବଂଶୀ ଗଜପତି ରାଜା ପ୍ରତାପରୁଦ୍ର ଦେବ ଏକ ସ୍ୱତନ୍ତ୍ର ଶିଳାଲେଖ ଖ୍ରୀଷ୍ଟାବ୍ଦ ୧୪୯୯ରେ ଜାରି କରିଥିଲେ । ଏହି ଜୟ-ବିଜୟ ଦ୍ୱାର ଶିଳାଲେଖ ଅନୁଯାୟୀ, ଶ୍ରୀମନ୍ଦିରରେ କେବଳ କବି ଜୟଦେବଙ୍କ ଗୀତଗୋବିନ୍ଦ ହିଁ ଗାନ କରାଯିବ । ଅନ୍ୟ କୌଣସି କାବ୍ୟ ବା ଗୀତ ପ୍ରଭୁଙ୍କ ଆଗରେ ଗାନ କରାଯାଇପାରିବ ନାହିଁ । ଏହି ଆଦେଶ ପ୍ରମାଣିତ କରେ ଯେ, ଜଗନ୍ନାଥ ଚେତନା ଓ ସଂସ୍କୃତିରେ ଜୟଦେବଙ୍କ ସ୍ଥାନ କେତେ ଉଚ୍ଚରେ ରହିଥିଲା । ସେଭଳି ଗୁଣ୍ଡିଚା ମନ୍ଦିରର ମୁଖ୍ୟ ସିଂହଦ୍ୱାର ସମ୍ମୁଖରେ ଅବସ୍ଥିତ ଦଶ ଅବତାର ମଠ ଶ୍ରୀକ୍ଷେତ୍ର ପୁରୀର ଏକ ପ୍ରାଚୀନ ଏବଂ ଆଧାତ୍ମିକ ଗୁରୁତ୍ୱପୂର୍ଣ୍ଣ ମଠ ଅଟେ । ଏହି ମଠଟି ବିଶ୍ୱପ୍ରସିଦ୍ଧ 'ଗୀତଗୋବିନ୍ଦ'ର ରଚୟିତା ଭକ୍ତକବି ଜୟଦେବଙ୍କ ସ୍ମୃତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହିତ ଗଭୀର ଭାବେ ଜଡ଼ିତ । ଜୟଦେବ ଯେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ସେବା ପାଇଁ ପୁରୀ ଆସୁଥିଲେ, ସେ ଏହି ମଠର ପରିସରରେ ଅବସ୍ଥାନ କରୁଥିଲେ । ତାଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦର ପ୍ରଥମ ସର୍ଗ 'ଦଶାବତାର ସ୍ତୋତ୍ରମ୍' (ଶ୍ରୀତକମଳାକୁଚମଣ୍ଡଳ...) ଏହି ସ୍ଥାନର ଚେତନା ସହ ମେଳ ଖାଏ । ମଠ ମଧ୍ୟରେ କବି ଜୟଦେବଙ୍କ ସ୍ମୃତିରକ୍ଷା ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି । ସଂକ୍ଷେପରେ କହିବାକୁ ଗଲେ, କବି ଜୟଦେବ ହେଉଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତିର ସର୍ବଶ୍ରେଷ୍ଠ ବାହକ ଓ ପ୍ରଚାରକ । ସେ ତାଙ୍କ କାବ୍ୟ ମାଧ୍ୟମରେ କାଷ୍ଠମୂର୍ତ୍ତି ଜଗନ୍ନାଥଙ୍କୁ ଭାବମୟ, ରସମୟ ଓ ପ୍ରେମମୟ ପରମବ୍ରହ୍ମ ଭାବେ ରୂପାନ୍ତରିତ କରିଛନ୍ତି । ଜୟଦେବଙ୍କ ବିନା ଜଗନ୍ନାଥଙ୍କ ରୀତିନୀତି ଏବଂ ଆଧାତ୍ମିକ ସୌନ୍ଦର୍ଯ୍ୟ କଳ୍ପନା କରାଯାଇପାରିବ ନାହିଁ । ସେଥିପାଇଁ ଜଗନ୍ନାଥ ସଂସ୍କୃତିର ଇତିହାସରେ କବି ଜୟଦେବ ଓ ଗୀତଗୋବିନ୍ଦର ସ୍ଥାନ ସଦାସର୍ବଦା ଅମର ଓ ଅକ୍ଷୂର୍ଣ୍ଣ ରହିବ ।

# ବର୍ଷା ଋତୁରେ ଶିଶୁମାନଙ୍କର କାଶ-ଲକ୍ଷଣ, କାରଣ, ଆୟୁର୍ବେଦୀୟ ଚିକିତ୍ସା ଓ ପ୍ରତିରୋଧ



ଡା. ଦୁର୍ଗାପ୍ରସାଦ ଦାଶ
ପ୍ରଫେସର
ଶିଶୁରୋଗ ବିଭାଗାଧ୍ୟକ୍ଷ,
ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ,
କଟକ

ବର୍ଷା ଋତୁରେ ଶିଶୁମାନଙ୍କ ମଧ୍ୟରେ କାଶ ଏକ ଅତ୍ୟନ୍ତ ସାଧାରଣ ଶ୍ୱାସତନ୍ତ୍ରଜନିତ ସମସ୍ୟା । ଆୟୁର୍ବେଦ ଅନୁସାରେ ଏହି ଋତୁରେ ବାତ ଦୋଷର ପ୍ରକୋପ, କଫ ଦୋଷର ସଞ୍ଚୟ ଓ ଅଗ୍ନିମାନ୍ଦ୍ୟ (ମନ୍ଦାଗ୍ନି) ଦେଖାଯାଏ । ଶିଶୁମାନେ ସ୍ୱାଭାବିକ ଭାବରେ କଫପ୍ରଧାନ ପ୍ରକୃତିର ହୋଇଥିବାରୁ ଏହି ସମୟରେ ସେମାନେ ସହଜରେ ସର୍ଦ୍ଦି, କାଶ ଓ ଶ୍ୱାସନଳୀ ସଂକ୍ରମଣରେ ଆକ୍ରାନ୍ତ ହୁଅନ୍ତି । ଠିକ୍ ସମୟରେ ଆୟୁର୍ବେଦୀୟ ଚିକିତ୍ସା, ଉପଯୁକ୍ତ ଆହାର- ବିହାର ଓ ଋତୁଚର୍ଯ୍ୟା ପାଳନ ଦ୍ୱାରା କାଶର ଉପଶମ, ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଏବଂ ପୁନରାବୃତ୍ତିକୁ ରୋକାଯାଇପାରେ । ଏହି କାଶ ସାଧାରଣତଃ ପାଞ୍ଚ ପ୍ରକାର ।

ବାତଜ କାଶ: ଏଥିରେ ସାଧାରଣତଃ ଶୁଖିଲା କାଶ, କଫ ନ ଆସିବା କିମ୍ବା ଅତ୍ୟଳ୍ପ କଫ, ସ୍ୱରଭଙ୍ଗ, କାଶ ସମୟରେ ଛାତିରେ ଯନ୍ତ୍ରଣା, ଗଳା ଶୁଖିଯିବା ଏବଂ ରାତିରେ କାଶ ବଢ଼ିଯିବା ଦେଖାଯାଏ । ଥଣ୍ଡା ପବନ, ବର୍ଷାରେ ଭିଜିବା, ଭାଇରାଲ ସଂକ୍ରମଣ, ଥଣ୍ଡା ଓ ଶୁଖିଲା ଖାଦ୍ୟ, ଅଧିକ କାନ୍ଦିବା କିମ୍ବା କଥା କହିବା ଏହାର ପ୍ରମୁଖ କାରଣ । ଏହାର ଚିକିତ୍ସାରେ ଉଷୁମ ପାଣି ପିଇବା, ବାସା ଘୃତ କିମ୍ବା ଯଷ୍ଟିମଧୁ ଘୃତ, ଯଷ୍ଟିମଧୁ, ପିପ୍ପଳୀ ଓ ଶୁଣ୍ଠିର ବ୍ୟବହାର, ଏକ ବର୍ଷରୁ ଅଧିକ ବୟସର ଶିଶୁଙ୍କୁ ଅଳ୍ପ ଅଦାରସ ସହ ମଧୁ, ବାଷ୍ପ ଗ୍ରହଣ, ଅଭ୍ୟଙ୍ଗ ଏବଂ ମୃଦୁ ସ୍ୱେଦନ ଉପକାରୀ ହୋଇଥାଏ ।

ପିତ୍ତଜ କାଶ: ପିତ୍ତଜ କାଶରେ ହଳଦିଆ କିମ୍ବା ସବୁଜ କଫ, ଜ୍ୱର, ଗଳାରେ ଜ୍ୱଳନ, ଅଧିକ ତୃଷା, ପାଟିରେ ତିକ୍ତ ସ୍ୱାଦ ଏବଂ କେବେ କେବେ ରକ୍ତମିଶ୍ରିତ କଫ ଦେଖାଯାଏ । ଜୀବାଣୁଜନିତ ସଂକ୍ରମଣ, ଅଧିକ ଜ୍ୱର ଓ ଅତ୍ୟଧିକ ଜ୍ୱାଳାଯୁକ୍ତ ଖାଦ୍ୟ ଏହାର ପ୍ରମୁଖ କାରଣ । ଚିକିତ୍ସାରେ ଶୀତଳ ଓ ସହଜପାଚ୍ୟ ଆହାର, ପର୍ଯ୍ୟାପ୍ତ ତରଳ ପାନୀୟ, ଗୁଡୁଚି, ଯଷ୍ଟିମଧୁ, ଆମଳକୀ, ଗୁଡୁଚି ସତ୍ୱ ଇତ୍ୟାଦି ବ୍ୟବହୃତ ହୁଏ ଏବଂ ତେଲିଆ, ଭଜା ଓ ଜ୍ୱାଳାଯୁକ୍ତ ଖାଦ୍ୟ ବର୍ଜନ କରିବାକୁ ପରାମର୍ଶ ଦିଆଯାଏ ।

କଫଜ କାଶ: କଫଜ କାଶରେ ଘନ ଧଳା କଫ, ଛାତିରେ କଫ ଜମିଯିବା, ଛାତି ଭାରି ଲାଗିବା, ସାମାନ୍ୟ ଜ୍ୱର, ନାକରୁ ପାଣି ବାହାରିବା ଏବଂ ଭୋକ କମିଯିବା ଭଳି ଲକ୍ଷଣ ଦେଖାଯାଏ । ଥଣ୍ଡା ଓ ଆର୍ଦ୍ର ପରିବେଶ, ଦହି, ଥଣ୍ଡା ପାନୀୟ, ଆଇସକ୍ରିମ, ପାଚିଲା କଦଳୀ ଓ ବାରମ୍ବାର ଶ୍ୱାସତନ୍ତ୍ର ସଂକ୍ରମଣ ଏହାର ପ୍ରମୁଖ କାରଣ । ଚିକିତ୍ସାରେ ହାଲୁକା, ଉଷୁମ ଓ ସହଜପାଚ୍ୟ ଆହାର, ସିତୋପଲାଦି ଚୂର୍ଣ୍ଣ, ତାଳିସାଦି ଚୂର୍ଣ୍ଣ, ବୟସ ଅନୁଯାୟୀ ତ୍ରିକଟୁ ଚୂର୍ଣ୍ଣ, ତୁଳସୀ, ବାସା, କଣ୍ଟକାରୀ, ପିପ୍ପଳୀ ଓ ମଧୁ ବ୍ୟବହୃତ ହୁଏ । ବଡ଼ ପିଲାମାନଙ୍କ ପାଇଁ ଲୁଣପାଣିରେ କୁଳି କରିବା ଓ ତୁଳସୀ ପତ୍ର ସହ ବାଷ୍ପ ଗ୍ରହଣ ମଧ୍ୟ ଲାଭଦାୟକ ।

କ୍ଷତଜ କାଶ: କ୍ଷତଜ କାଶରେ ବାରମ୍ବାର ତୀବ୍ର କାଶ, ଛାତିରେ ବେଦନା, ରକ୍ତମିଶ୍ରିତ କଫ, ଅଧିକ ଦୁର୍ବଳତା ଓ କ୍ଳାନ୍ତି ଦେଖାଯାଏ । ଗୁରୁତର ଶ୍ୱାସତନ୍ତ୍ର ସଂକ୍ରମଣ, ଦୀର୍ଘ ସମୟ ଧରି ତୀବ୍ର କାଶ କିମ୍ବା ଫୁସଫୁସର କ୍ଷତ ଏହାର ପ୍ରମୁଖ କାରଣ । ଏହି ପ୍ରକାର କାଶରେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ, ପୌଷ୍ଟିକ ଆହାର, ଘୃତ ପ୍ରସ୍ତୁତି, ରସାୟନ ଚିକିତ୍ସା ଏବଂ ଆବଶ୍ୟକତାନୁସାରେ ଆଧୁନିକ ଚିକିତ୍ସା ସହ ସମନ୍ୱିତ ପରିଚର୍ଯ୍ୟା ଅତ୍ୟାବଶ୍ୟକ ।

କ୍ଷୟଜ କାଶ: କ୍ଷୟଜ କାଶରେ ଦୀର୍ଘଦିନ ଧରି କାଶ, ଓଜନ କମିଯିବା, ଭୋକ ହ୍ରାସ, ଅଳ୍ପ ଜ୍ୱର, ରାତିରେ ଅଧିକ କାଶ ହେବା ଓ ଦୁର୍ବଳତା ଦେଖାଯାଏ । ଯକ୍ଷ୍ମା, ଦୀର୍ଘସ୍ଥାୟୀ ଶ୍ୱାସତନ୍ତ୍ର ରୋଗ କିମ୍ବା ରୋଗପ୍ରତିରୋଧକ ଶକ୍ତି କମିଯିବା ଏହାର ପ୍ରମୁଖ କାରଣ । ଏଥିପାଇଁ ତୁରନ୍ତ ରୋଗ ନିର୍ଣ୍ଣୟ, ଚ୍ୟବନପ୍ରାଶ, ଅଶ୍ୱଗନ୍ଧା, ଗୁଡୁଚୀ, ପିପ୍ପଳି ତଥା ଶତାବରୀ ପରି ରସାୟନ ଔଷଧ, ପୌଷ୍ଟିକ ଓ ଉଚ୍ଚ ପ୍ରୋଟିନଯୁକ୍ତ ଆହାର ଏବଂ ଦୀର୍ଘକାଳୀନ ଚିକିତ୍ସକୀୟ ନିରୀକ୍ଷଣ ଆବଶ୍ୟକ ।

ସାଧାରଣ ଆୟୁର୍ବେଦୀୟ ଔଷଧ: ଶିଶୁମାନଙ୍କର କାଶରେ ସିତୋପଲାଦି ଚୂର୍ଣ୍ଣ, ତାଳିସାଦି ଚୂର୍ଣ୍ଣ, ବାସାବଲେହ, ଚ୍ୟବନପ୍ରାଶ, ଯଷ୍ଟିମଧୁ ଚୂର୍ଣ୍ଣ, ଗୁଡୁଚି ସତ୍ୱ, ବାସା ପ୍ରସ୍ତୁତି ଏବଂ ବଡ଼ ପିଲାଙ୍କ ପାଇଁ ଲବଙ୍ଗାଦି ବଟି ବ୍ୟବହୃତ ହୁଏ । ତେବେ ଔଷଧର ମାତ୍ରା ସର୍ବଦା ଶିଶୁର ବୟସ, ଶରୀର ଓଜନ ଓ ଯୋଗ୍ୟ ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରଣ କରିବା ଉଚିତ ।

ପଞ୍ଚକର୍ମର ଭୂମିକା: ପୁନରାବୃତ୍ତି କିମ୍ବା ଦୀର୍ଘସ୍ଥାୟୀ କାଶରେ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ପ୍ରତିମର୍ଶ ନସ୍ୟ, ମୃଦୁ ସ୍ୱେଦନ, ଅଭ୍ୟଙ୍ଗ ଇତ୍ୟାଦି ପଞ୍ଚକର୍ମ ପ୍ରକ୍ରିୟା ଉପକାରୀ ହୋଇପାରେ । ଦୀର୍ଘସ୍ଥାୟୀ ବାତପ୍ରଧାନ ରୋଗରେ ଚୟନିତ ଶିଶୁଙ୍କ ପାଇଁ ବସ୍ତି ଚିକିତ୍ସା ବିଚାର କରାଯାଇପାରେ, କିନ୍ତୁ ଛୋଟ ପିଲାମାନଙ୍କରେ ଧୂମଚିକିତ୍ସା ସାଧାରଣତଃ ବର୍ଜନୀୟ ।

ପଥ୍ୟ ଓ ଅପଥ୍ୟ: କାଶ ସମୟରେ ଉଷୁମ ଉଷୁନା ଭାତର ମଣ୍ଡ (ଯବାଗୁ), ମୁଗ ଡାଲିର ସୁପ୍, ପନିପରିବା ସୁପ୍, ଅଦା ମିଶ୍ରିତ ଉଷୁମ ପାଣି, ବଡ଼ ପିଲାଙ୍କ ପାଇଁ ତୁଳସୀ ଚା, ଅଳ୍ପ ପରିମାଣର ରସୁଣ ଓ ଗୋଲମରିଚ ଉପକାରୀ । ଅନ୍ୟପକ୍ଷରେ ଆଇସକ୍ରିମ, ଥଣ୍ଡା ପାନୀୟ, ଫ୍ରିଜର ଖାଦ୍ୟ, ରାତିରେ ଦହି, ଭଜା ଖାଦ୍ୟ, ଅଧିକ ମିଠା ଓ ଜଙ୍କ ଫୁଡ୍ ସମ୍ପୂର୍ଣ୍ଣ ବର୍ଜନ କରିବା ଉଚିତ ।

ପ୍ରତିରୋଧର ଉପାୟ: ବର୍ଷା ଋତୁରେ ଶିଶୁଙ୍କୁ ସର୍ବଦା ଉଷୁମ ଓ ଶୁଖିଲା ରଖିବା, ବର୍ଷାରେ ଭିଜିବାରୁ ବଞ୍ଚାଇବା, ନିୟମିତ ହାତ ଧୋଇବା, ପର୍ଯ୍ୟାପ୍ତ ନିଦ୍ରା, ସନ୍ତୁଳିତ ଓ ତାଜା ଆହାର ଦେବା, ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରରେ ରଖିବା ଏବଂ ଜାତୀୟ ଟିକାକରଣ କାର୍ଯ୍ୟକ୍ରମ ଅନୁଯାୟୀ ଟିକା ଦେବା ଆବଶ୍ୟକ । ଋତୁଚର୍ଯ୍ୟା ଓ ଦିନଚର୍ଯ୍ୟା ପାଳନ ସହ ଯୋଗ୍ୟ ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶରେ ପୁଷ୍ୟ ନକ୍ଷତ୍ରରେ ସ୍ୱର୍ଣ୍ଣପ୍ରାଶନ କରାଇଲେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇପାରେ । କେବେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବେ? କାଶ ରୋଗରେ ଚିକିତ୍ସକଙ୍କ ପରାମର୍ଶ ଜରୁରୀ ତଥାପି ଯଦି କାଶ ଦୁଇ ସପ୍ତାହରୁ ଅଧିକ ସମୟ ରହେ, ଅଧିକ ଜ୍ୱର ହୁଏ, ଶ୍ୱାସକଷ୍ଟ ହୁଏ, ଛାତି ଭିତରକୁ ପଶିଯାଏ, ରକ୍ତମିଶ୍ରିତ କଫ ବାହାରେ, ଶିଶୁର ଓଠ କିମ୍ବା ଶରୀର ନୀଳ ଦେଖାଯାଏ କିମ୍ବା ଖାଇବା-ପିଇବାରେ ଅସୁବିଧା ହୁଏ, ତେବେ ବିଳମ୍ବ ନକରି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ ।

କାଶ ରୋଗରେ ଘରୋଇ ଆୟୁର୍ବେଦୀୟ ଉପଚାର- କାଶ ରୋଗ ଶିଶୁ ଓ ବୟସ୍କମାନଙ୍କର ଏକ ସାଧାରଣ ଶ୍ୱାସନଳୀ ସମ୍ବନ୍ଧୀୟ ସମସ୍ୟା । ଆୟୁର୍ବେଦ ଅନୁସାରେ କାଶ ବିଶେଷକରି ବର୍ଷା ଋତୁରେ କଫ ବୃଦ୍ଧି, ଅଗ୍ନିମାନ୍ଦ୍ୟ (ପାଚନ ଶକ୍ତି କମିବା) ଓ ଥଣ୍ଡା ପରିବେଶ ଯୋଗୁଁ ଅଧିକ ଦେଖାଯାଏ । ନିମ୍ନଲିଖିତ କିଛି ସରଳ ଘରୋଇ ଆୟୁର୍ବେଦୀୟ ପଦ୍ଧତି କାଶରେ ଉପକାରୀ ହୋଇପାରେ ।

(କ) ମଧୁ (ମହୁ) ସେବନ- ମଧୁ ଆୟୁର୍ବେଦରେ କଫ ଶାମକ ଓ କଣ୍ଠକୁ ସୁଖଦ କରୁଥିବା ଦ୍ରବ୍ୟ ଭାବେ ବର୍ଣ୍ଣିତ । ଅଳ୍ପ ପରିମାଣର ମଧୁ ଧୀରେ ଧୀରେ ଚାଟିଲେ ଗଳାର ଖରାପଣ, ଶୁଷ୍କ କାଶ ଓ କଣ୍ଠ ଅସୁବିଧାରେ ଆରାମ ମିଳିପାରେ ।

(ଖ) ଅଦା ଓ ମଧୁ- ଅଦା (ଆର୍ଦ୍ରକ) ଆୟୁର୍ବେଦରେ ଦୀପନ-ପାଚନ ଓ କଫ ନିସ୍ସାରଣକାରୀ ଭାବେ ବ୍ୟବହୃତ । ଅଳ୍ପ ଅଦା ରସ ସହ ମଧୁ ମିଶାଇ ନେଲେ କଫଜ କାଶରେ ଉପକାର ହୋଇପାରେ । ଅଧିକ ପରିମାଣରେ ଅଦା ବ୍ୟବହାର କରିବା ଉଚିତ୍ ନୁହେଁ ।

(ଗ) ତୁଳସୀ ପତ୍ରର କାଢ଼ା-ତୁଳସୀକୁ ଆୟୁର୍ବେଦରେ କାସ, ପ୍ରତିଶ୍ୟାୟ (ସର୍ଦ୍ଦି) ଓ ଶ୍ୱାସ ସମସ୍ୟାରେ ଉପଯୋଗୀ ମନାଯାଏ । ପ୍ରସ୍ତୁତି ପ୍ରଣାଳୀ: ୫–୭ଟି ତୁଳସୀ ପତ୍ର, ଅଳ୍ପ ଅଦା, ଗୋଲମରିଚ ୨–୩ଟି ୧ କପ୍ ପାଣିରେ ଫୁଟାଇ ଅଧା ହେଲେ ଛାଣି ନିଅନ୍ତୁ । ଆବଶ୍ୟକତା ଅନୁସାରେ ଅଳ୍ପ ମଧୁ ମିଶାଇ ପିଇପାରିବେ ।

(ଘ) ହଳଦୀ ମିଶ୍ରିତ ଉଷ୍ଣ କ୍ଷୀର-ହଳଦୀ (ହରିଦ୍ରା) ତାହାର ଶୋଥହର ଗୁଣ ପାଇଁ ପରିଚିତ । ଗରମ କ୍ଷୀରରେ ଅଳ୍ପ ହଳଦୀ ମିଶାଇ ରାତିରେ ନେଲେ ଗଳାର ଅସୁବିଧାରେ ଆରାମ ମିଳିପାରେ ।

(ଙ) ଯଷ୍ଟିମଧୁ -ଯଷ୍ଟିମଧୁ କଣ୍ଠ ସୁରକ୍ଷା ଓ କାଶରେ ଆୟୁର୍ବେଦୀୟ ଭାବେ ବ୍ୟବହୃତ । ଯଷ୍ଟିମଧୁ ଚୂର୍ଣ୍ଣ ଅଳ୍ପ ପରିମାଣରେ ମଧୁ ସହ ନିଆଯାଇପାରେ । ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

(ଚ) ଗରମ ପାଣି ପିଇବା: ଗରମ କିମ୍ବା ଉଷ୍ଣ ପାଣି ପିଇଲେ ଗଳାର ଶୁଷ୍କତା କମିଥାଏ ଓ କଫ ପତଳା ହେବାରେ ସାହାଯ୍ୟ କରେ । ଥଣ୍ଡା ପାଣି, ଥଣ୍ଡା ପାନୀୟ ଓ ବରଫ ଜାତୀୟ ଖାଦ୍ୟରୁ ଦୂରେ ରହିବା ଭଲ ।

(ଛ) ବାଷ୍ପ ଗ୍ରହଣ: ଉଷ୍ଣ ଜଳର ବାଷ୍ପ ନେଲେ ନାକ ବନ୍ଦ, ଗଳାର ଅସୁବିଧା ଓ କଫ ଜମାରେ ଆରାମ ମିଳିପାରେ । ଶିଶୁମାନଙ୍କୁ ବାଷ୍ପ ଦେବା ସମୟରେ ଜଳିଯିବାର ଭୟ ଥିବାରୁ ବିଶେଷ ସାବଧାନତା ଆବଶ୍ୟକ ।

(ଜ) ଖାଦ୍ୟ ଓ ଜୀବନଶୈଳୀର ନିୟମ: ହାଲୁକା, ଗରମ ଓ ସହଜପାଚ୍ୟ ଖାଦ୍ୟ ଗ୍ରହଣ କରନ୍ତୁ । ଅତ୍ୟଧିକ ତେଲିଆ, ଥଣ୍ଡା, ମିଠା ଓ ଦହି ଜାତୀୟ ଖାଦ୍ୟ କଫ ବୃଦ୍ଧି କରିପାରେ । ପର୍ଯ୍ୟାପ୍ତ ବିଶ୍ରାମ ଓ ଉଷ୍ଣ ପରିବେଶ କାଶ ରୋଗକୁ ଶୀଘ୍ର କମ କରିବାରେ ସାହାଯ୍ୟ କରେ ।

ଉପସଂହାର

ବର୍ଷା ଋତୁରେ ଶିଶୁମାନଙ୍କର କାଶ ଅଧିକାଂଶ ସମୟରେ ଭାଇରାଲ ସଂକ୍ରମଣ, ଆଲର୍ଜି ଓ ବାତ-କଫ ଦୋଷର ପ୍ରକୋପ ଯୋଗୁଁ ହୋଇଥାଏ । ଆୟୁର୍ବେଦରେ ବାତଜ, କଫଜ, ପିତ୍ତଜ, କ୍ଷତଜ ଓ କ୍ଷୟଜ କାଶର ଭେଦ ଅନୁଯାୟୀ ଚିକିତ୍ସା କରାଯାଏ । ଅଗ୍ନି ସଂଶୋଧନ, ଦୋଷ ସନ୍ତୁଳନ, ଉପଯୁକ୍ତ ଔଷଧ, ପଥ୍ୟ ଆହାର, ସୁସ୍ଥ ଜୀବନଶୈଳୀ ଓ ଋତୁଚର୍ଯ୍ୟା ପାଳନ ଦ୍ୱାରା ଅଧିକାଂଶ କାଶ ନିୟନ୍ତ୍ରଣ ହୋଇପାରେ । କିନ୍ତୁ ଗୁରୁତର ଲକ୍ଷଣ ଦେଖାଦେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସମନ୍ୱିତ ଚିକିତ୍ସା ଗ୍ରହଣ କରିବା ଆବଶ୍ୟକ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଜୁଲାଇ ୨୦୨୬ ରବିବାର





# ବୌଦ୍ଧ ସହରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା:ଭକ୍ତ-ଭଗବାନ ଏକାକାର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ସହରର ବିରାଜିତ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ପାଳିତ ହୋଇଯାଇଛି। ବ୍ରାହ୍ମଣ ସେବାୟତ ମାନେ ସକାଳୁ ମନ୍ଦିର ଭିତରେ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପୂଜାର୍ଚ୍ଚନା ସାରିବା ପରେ ଧାଡି ପହଣ୍ଡି ପାଇଁ ଶ୍ରୀଜୀଉମାନଙ୍କୁ ମନ୍ଦିର ବାହାରକୁ ଆଣିଥିଲେ। ସହରର ପୋଡାପୋଡା, ନୂଆସାହି ଓ ପ୍ରଶାସନ ତରଫରୁ ତିନି ଠାକୁରଙ୍କ ପାଇଁ ଟାହିଆ ଆସିବା ପରେ ଠାକୁରମାନଙ୍କୁ ଲାଗି କରାଯାଇ ପହଣ୍ଡିକରି ରଥଖଳାକୁ ଅଣାଯାଇଥିଲା । କେଉଟସାହି, କାଳେଶ୍ୱର ଓ ନୂଆସାହିର ନାମ ସଂକୀର୍ତ୍ତନ୍ୟ ଦଳ ନାମ ସଂକୀର୍ତ୍ତନ କରିଥିବାବେଳେ ଘଣ୍ଟଧ୍ୱନି, ହୁଳହୁଳି, ହରିବୋଲରେ ଚାରିଆଡ ପ୍ରକମ୍ପିତ ହୋଇଉଠିଥିଲା । ଶ୍ରୀଜିଉମାନଙ୍କ ପହଣ୍ଡିର ଦୃଶ୍ୟ ଅତ୍ୟନ୍ତ ମନୋରମ ଥିଲା। ଲଗାଣ ବର୍ଷା ହେଉଥିଲେ ମଧ୍ୟ ବୌଦ୍ଧ ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁମାନେ ଜଗା ଦର୍ଶନ ପାଇଁ ପହଞ୍ଚିଥିଲେ । ଠାକୁରଙ୍କୁ ରଥ ପର୍ଯ୍ୟନ୍ତ ପହଣ୍ଡି ବିଜେ ସମୟରେ ବିଭିନ୍ନ ସ୍ଥାନରେ ବାଟ ଭୋଗ ଲାଗି ହୋଇଥିଲା । ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ମନ୍ଦିର ପରିଚାଳନା କମିଟି ଓ ବ୍ରାହ୍ମଣ ସମାଜ ପକ୍ଷରୁ ସମସ୍ତେ ସହଯୋଗ କରିଥିଲେ । ପହଣ୍ଡି ସମୟରେ ପ୍ରଶାସନ ତରଫରୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଆରକ୍ଷୀ ଅଧିକ୍ଷକ କୁଳଦୀପ ମୀନା, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ପ୍ରଭୁକୃପା ଲାଭ କରିଥିଲେ । ଏହାପରେ ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ରଥାରୂଢ କରାଯାଇଥିଲା । ପରେ ଛେରାପହଁରା କରିବାପରେ ପରମ୍ପରା ଅନୁଯାୟୀ ଛୋଟ ଛୁଆମାନଙ୍କୁ ରଥ ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ରଥଟଣା ଆରମ୍ଭ ହୋଇଥିଲା । ମହାପ୍ରଭୁଙ୍କ ଏହି ଘୋଷଯାତ୍ରାକୁ ଦେଖିବାପାଇଁ ବୌଦ୍ଧ ଜିଲ୍ଲା ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସୁଅ ଛୁଟିଥିଲା । ହରିଗୁଡି ରଥକୁ ମହିଳାମାନେ ଟାଣିଥିଲେ । ଘୋଷକ ଭାବେ ଡ. ଇଂ. ସଞ୍ଜୟ କୁମାର ପଣ୍ଡା, ସୁଶାନ୍ତ ମହାପାତ୍ର, ରମେଶ ମେହେର, ଶିବଦତ୍ତ ପଟ୍ଟନାୟକ, ଚନ୍ଦ୍ରକାନ୍ତ ନାୟକ, ସନ୍ତୋଷ କୁମାର କର୍ଣ୍ଣ, ଜ୍ଞାନ ଚାନ୍ଦ ଶତପଥୀ, ଦୁଃଖୀଶ୍ୟାମ ବେହେରା ପ୍ରମୁଖ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପାପଣ୍ଡା ସମସ୍ତ ଦାୟିତ୍ୱ ତୁଲାଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ତରଫରୁ ଭକ୍ତମାନଙ୍କ ପାଇଁ ପାନୀୟ ଜଳ ଓ ପଣା ବଣ୍ଟନ କରାଯାଇଥିବାବେଳେ ଅନ୍ନ ପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

# ବିଏମ୍‌ସି ପକ୍ଷରୁ ଦେୟମୁକ୍ତ ଇ-ଲାଇବ୍ରେରୀ ପ୍ରତିଷ୍ଠା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସାମ୍ପ୍ରତିକ ପରିସ୍ଥିତିରେ ତଥା ପ୍ରତିଯୋଗିତା ମୂଳକ ଦୁନିଆରେ ଛାତ୍ରଛାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ସ୍ୱତନ୍ତ୍ର ତାଲିମ୍‌ର ବ୍ୟବସ୍ଥା ମଧ୍ୟ କରାଯାଉଛି। ଏ କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ସହରାଞ୍ଚଳରେ ପୌର ସଂସ୍ଥା ଓ ପ୍ରଶସନ ପକ୍ଷରୁ ଇ-ଲାଇବ୍ରେରୀର ବ୍ୟବସ୍ଥା ମଧ୍ୟ କରାଯାଉଛି। ଏହି କ୍ରମରେ ବ୍ରହ୍ମପୁର ମହାନଗର ନିଗମରେ ଉଭୟ ମାଗଣା ଓ ଦେୟଯୁକ୍ତ ଇ-ଲାଇବ୍ରେରୀର ବ୍ୟବସ୍ଥା କରାଯାଇଛି। ସହରରେ ଡାଇମଣ୍ଡ ଜୁବୁଲି ଟାଉନ୍ ହଲ୍‌ରେ ଥିବା ଦେୟମୁକ୍ତ ଇ-ଲାଇବ୍ରେରୀରେ ଅନ୍ୟୁନ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସୁବିଧା ପାଉଥିବା ବେଳେ ପ୍ରେସ୍‌କ୍ଲବ୍ ସନ୍ନିକଟ ପବ୍ଲିକ୍ ଲାଇବ୍ରେରୀରେ ବହୁ ମେଧାବୀ ତଥା ନିଯୁକ୍ତି ଆଶାୟୀ ଛାତ୍ରଛାତ୍ରୀ ଅଧ୍ୟୟନ କରିବାର ସୁଯୋଗ ନେଉଛନ୍ତି। ଏଭଳି ସ୍ଥିତିରେ ବହୁ ଛାତ୍ରଛାତ୍ରୀ ଏହି ସୁବିଧାରୁ ବଞ୍ଚିତ ହେଉଥିବା ନଜରକୁ ଆସିଛି। ଯାହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ସହରରେ ଅଧିକ ସଂଖ୍ୟକ ଇ-ଲାଇବ୍ରେରୀ ପ୍ରତିଷ୍ଠା କରିବାକୁ ଯୋଜନା ରଖିଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ସହରରେ ଇ-ଲାଇବ୍ରେରୀର ଅଭାବ ଥିବା ଜାଣି ବେସରକାରୀ ବା ଘରୋଇ ଭାବେ ଏକାଧିକ ଇ-ଲାଇବ୍ରେରୀ ପ୍ରତିଷ୍ଠା କରି ଘରୋଇ ସଂସ୍ଥାମାନେ ପିଲାଙ୍କ ଠାରୁ ବହୁ ଅର୍ଥ ସଂଗ୍ରହ କରୁଥିବା ନଜିରକୁ ଆସିଛି। ଫଳରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବା ସହ ଉତ୍ସାହୀ ତଥା ମେଧାବୀ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପ୍ରତ୍ୟେକ ୱାର୍ଡରେ ଅନ୍ୟୁନ ଗୋଟିଏ ଲେଖାଏଁ ଇ-ଲାଇବ୍ରେରୀ ପ୍ରତିଷ୍ଠା କରିବାକୁ ଯୋଜନା ରହିଥିବା ମେୟର ସଂଘମିତ୍ରା ଦଳେଇ ସୂଚନା ଦେଇଛନ୍ତି। ସେପଟେ ବ୍ରହ୍ମପୁର ମହାନଗର ନିଗମ ସଂଲଗ୍ନ ତଥା କେସି ଟାଉନ୍ ହାଇସ୍କୁଲ ସମ୍ମୁଖରେ ବିଏମ୍‌ସିର ଥିବା ଗଜପତି ରିସର୍ଚ୍ଚ ଲାଇବ୍ରେରୀ ଯାହା ଦୀର୍ଘ ଦିନ ଧରି ବନ୍ଦ ଓ ଅଚଳ ପଡ଼ିଛି ତାହାକୁ ପୁନଃରୁଦ୍ଧାର କରାଯାଇ ଇ-ଲାଇବ୍ରେରୀ ପ୍ରତିଷ୍ଠା କରାଯିବ ବୋଲି ସୂଚନା ଦେଇଛନ୍ତି କମିଶନର ଏ. ସସ୍ୟା ରେଡ୍ଡି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୦ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ଖୁବ୍ କମ୍ ଦିନରେ ଏହି ପ୍ରକଳ୍ପ କରାଯାଇ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ୫ ବର୍ଷର ଲିଜ୍ ଅବଧି ସମାପ୍ତ ହେବା ନେଇ ପରେ ମ୍ୟୁନିସିପାଲଟି ଗେଷ୍ଟ ହାଉସ୍ ତଥା ବର୍ତ୍ତମାନର ଗାୟତ୍ରୀ ଗେଷ୍ଟ ହାଉସ୍‌ର ପରିଚାଳନା ସଂସ୍ଥା ଗାୟତ୍ରୀ ଟେକ୍ନୋ ସଲ୍ୟୁସନ୍‌କୁ ବିଏମ୍‌ସି ପକ୍ଷରୁ ନୋଟିସ୍ ଜାରି କରାଯାଇଛି।

# ତାଲା ଭାଙ୍ଗି ସ୍କୁଲ୍‌ରୁ ଲୁଟିନେଲେ ସାମଗ୍ରୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷାର ମନ୍ଦିରରୁ କଳାକାନା ବୁଲାଇଲେ ଚୋର। ବନ୍ତ ବ୍ଲକ ଆଗରପଡ଼ା ଥାନା ନୁଆପୋଖରୀ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଫାଟକ ଠାରୁ ଆରମ୍ଭ କରି କମ୍ପ୍ୟୁଟର ରୁମ୍ ଏବଂ ଷ୍ଟୋର୍ ରୁମ୍ ପର୍ଯ୍ୟନ୍ତ ସବୁଠି ତାଲା ଭାଙ୍ଗି ସର୍ବସ୍ୱ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମିଳିଥିବା ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ, କମ୍ପ୍ୟୁଟର ଗୃହ ଏବଂ ମଧ୍ୟାହ୍ନ ଭୋଜନ ଗୃହର ଚାବି ଭାଙ୍ଗି ସମସ୍ତ ସାମଗ୍ରୀ ଲୁଟି ନେଇଛନ୍ତି। ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଚୋରି ହୋଇଥିବା ସାମଗ୍ରୀ ଗୁଡ଼ିକ ମଧ୍ୟରେ ୩ଟି କମ୍ପ୍ୟୁଟର ମନିଟର, ଏକ ପ୍ରିଣ୍ଟର, ମାଉସ, ଇନ୍‌ଭର୍ଟର, କାନ୍ଥ ଘଣ୍ଟା, ୯୦ କେଜି ଚାଉଳ, ଗ୍ରୋସରୀ ସାମଗ୍ରୀ, ପ୍ରେସର୍ କୁକର, କଡା ଓ ଗୋଟିଆ ଭଳି ଅନେକ ଆନୁଷଙ୍ଗିକ ଚୋରି ହୋଇଛି। ଏନେଇ ପ୍ରଧାନଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।



# ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବିନେଶ୍ୱର ଶତପଥୀ ସମ୍ବର୍ଦ୍ଧିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତା ପାଇଁ କଳିଙ୍ଗ ଟିଭିର ଯାଜପୁର ଜିଲ୍ଲା ପ୍ରତିନିଧି ଅବିନେଶ୍ୱର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ୍ ଠାରେ କଳିଙ୍ଗ ଟିଭିର ଦ୍ୱାଦଶତମ ପ୍ରତିଷ୍ଠା ଦିବସ ସମାରୋହରେ ଶ୍ରୀ ଶତପଥୀଙ୍କୁ 'ଶ୍ରେଷ୍ଠ କର୍ମଚାରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଉକ୍ତ ଉତ୍ସବରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ, ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, କଳିଙ୍ଗ ଟିଭିର ପ୍ରତିଷ୍ଠାତା ପ୍ରଫେସର ଡ଼ ଅଚ୍ୟୁତ ସାମନ୍ତ, ଜାତୀୟସ୍ତରର ବରିଷ୍ଠ ସାମ୍ବାଦିକ ଅନୁରାଗ ବାତ୍ରା, ସମସେର ସିଂ, ଉପଦେଷ୍ଟା ଉମାପଦ ବୋଷ, ମୁଖ୍ୟ ସମ୍ପାଦକ ସୌମ୍ୟଜିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରୀ ଶତପଥୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀୟ ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ସମ୍ମାନ ପାଇବା ପରେ ଶ୍ରୀ ଶତପଥୀ ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ, ମୁଖ୍ୟ ସମ୍ପାଦକ ସୌମ୍ୟଜିତ ପଟ୍ଟନାୟକଙ୍କ ସମେତ କଳିଙ୍ଗଟିଭି ପରିବାର ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସମ୍ମାନ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଆହୁରି ନିଷ୍ଠା, ସଚ୍ଚୋଟତା ଓ ସମର୍ପଣ ସହିତ କାର୍ଯ୍ୟ କରିବା ପାଇଁ ଏହା ତାଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି ।

# ନିରାଶ୍ରୟଙ୍କୁ ଶୃଙ୍ଖଳା ଖାଦ୍ୟ ବଣ୍ଟନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଲାୟନ୍ସ କ୍ଲବ୍ ପକ୍ଷରୁ ଘରୋଇ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ନିରାଶ୍ରୟଙ୍କ ଆଶ୍ରୟସ୍ଥଳୀରେ ଶୃଙ୍ଖଳା ଖାଦ୍ୟ ବଣ୍ଟନ କରାଯାଇଥିଲା । ଭୀଷଣ ବର୍ଷାରେ କେହି ଘରୁ ବାହାରିପାରୁନଥିବା ବେଳେ ଆଶ୍ରୟସ୍ଥଳୀରେ ରହୁଥିବା ଅନ୍ତେବାସୀ ମାନେ ଉକ୍ତ ସଂଗଠନ ପକ୍ଷରୁ ଶୃଙ୍ଖଳା ଖାଦ୍ୟ ପାଇ ଖୁବ୍ ଆନନ୍ଦିତ ହୋଇଥିଲେ । ଏହି ଅବସରରେ ସଂସ୍ଥାର ସଭାପତି ଲାୟନ୍ସ ଅଭୟ କୁମାର ଭୋଇଙ୍କ ଜନ୍ମଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଜୁଲତା ଭୋଇ, ବିଶିଷ୍ଟ ସମାଜସେବୀ ସତ୍ୟ ନାରାୟଣ ପଣ୍ଡା, ପ୍ରମେୟ ବରଗଡ଼ ପ୍ରସାର ମୁଖ୍ୟ ନିହାର ରଞ୍ଜନ ପ୍ରଧାନ, ପ୍ରତିଦିନ ଜିଲ୍ଲା ପ୍ରତିନିଧି ତୁଳସୀ ଚରଣ ଦାଶ, ନିରାଶ୍ରୟ ଆଶ୍ରୟସ୍ଥଳୀ ର ତତ୍ତ୍ୱାବଧାରକ ଅବିନାଶ ଦାଶ ଓ ଆହୁରି ଅନେକ ଉପସ୍ଥିତ ଥିଲେ ।

# ଠିକା ସଂସ୍ଥାର ମନମାନି:ଦରମା ମିଳୁନି, ସହରରୁ ଉଠୁନି ଅଳିଆ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଠିକା ସଂସ୍ଥାର ମନମାନି ୩୦୦ରୁ ଅଧିକ ସଫେଇ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଭିଯୋଗର ମାସ ମାସ ଧରି ଦରମା ବିଳମ୍ବରେ ମିଳୁଛି, ସରକାର ନିର୍ଦ୍ଧାରଣ କରିଥିବା ଦରମା ଠାରୁ କମ୍ ପାରିଶ୍ରମିକ ଦିଆଯାଉଛି। ଏପରିକି କାହାର କେତେ ବକେୟା ପାଉଣା ରହିଛି, ତାହାର ହିସାବ ମଧ୍ୟ ସମ୍ପୃକ୍ତ ସଂସ୍ଥା ପାଖରେ ନାହିଁ। ଆଉ ଏହି ଆନ୍ଦୋଳନର ସିଧା ପ୍ରଭାବ ପଡ଼ିଛି ସହର ଉପରେ। ଅଳିଆରେ ଭର୍ତ୍ତି ହୋଇପଡ଼ିଛି ରାସ୍ତାଘାଟ, ଦୁର୍ଗନ୍ଧରେ ବେହାଲ ସହରବାସୀ। ମୁହଁରେ ପ୍ରତିବାଦର ସ୍ଲୋଗାନ୍ ଠିକା ସଂସ୍ଥାର ମନମାନି ବିରୋଧରେ ଏକାଠି ହୋଇଛନ୍ତି ୩୦୦ରୁ ଅଧିକ କର୍ମଚାରୀ। ଦରମା ବିଳମ୍ବ, ନିର୍ଦ୍ଧାରିତ ଦରମା ଠାରୁ କମ୍ ପାରିଶ୍ରମିକ ଏବଂ ଶ୍ରମିକଙ୍କ ପ୍ରତି ଅବହେଳାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ସମସ୍ତେ। ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ ସମାଧାନ ହେଉନଥିବାରୁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା କହିଛନ୍ତି ଶ୍ରମିକ । ଏପଟେ ସଫେଇ କାମ ବନ୍ଦ ରହିଥିବାରୁ ରାସ୍ତାକଡ଼ରେ ଜମିଛି ଅଳିଆ ଆବର୍ଜନା। ଅତ୍ୟଧିକ ଜଟିଳ ହେବା ସହ ସକାଳ ୧୦ଟା ଯାଏ ସହରରେ ସଫେଇ କାର୍ଯ୍ୟ ନହୋଇଥିବାରୁ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀ ମାନଙ୍କୁ ବୁଝାଇ କାର୍ଯ୍ୟକୁ ପଠାଇବା ସହ ଠିକା ସଂସ୍ଥାକୁ ତାଗିଦ୍ କରିଛନ୍ତି କି ତୁରନ୍ତ ସେମାନଙ୍କ ଦରମା ଦେବାପାଇଁ । ସେମାନଙ୍କ କହିବା କଥା ଓ ଟେଣ୍ଡରରେ ଉଲ୍ଲେଖି ହୋଇଥିବା ପାଉଣା କରାଯାଉ ଓ ଆଗକୁ ସମସ୍ତ କର୍ମଚାରୀଙ୍କୁ ନିୟମ ମୁତବକ ସେମାନଙ୍କ ଦରମା ସମୟ ସୀମା ଭିତରେ ଦିଆଯାଉ ବୋଲି ଦାବି କରିଛନ୍ତି।

# ରାଇଘରରେ ମାଉସୀମା' ମନ୍ଦିରରେ ପହଞ୍ଚିଲେ ତିନି ଠାକୁର

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ପବିତ୍ର ରଥଯାତ୍ରା ଅବସରରେ ଘଟିଥିବା ଅଘଟଣ ପରେ ଭକ୍ତମାନଙ୍କ ମନରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ସଫଳତାର ସହ ଟଣାଯାଇ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିଛି। ଏହି ଦୃଶ୍ୟକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଭିଡ଼ ଜମିଥିଲା। ସମଗ୍ର ଅଞ୍ଚଳ "ଜୟ ଜଗନ୍ନାଥ" ଧ୍ୱନିରେ ପ୍ରକମ୍ପିତ ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ରଥଯାତ୍ରା ସମୟରେ ରଥ ଟଣା ଚାଲିଥିବା ବେଳେ ହଠାତ୍ ରଥର ଏକ ଚକ ଭାଙ୍ଗିଯାଇଥିଲା। ଏହି ଅପ୍ରତ୍ୟାଶିତ ଘଟଣା ଯୋଗୁଁ ରଥଟଣା କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡ଼ିଥିଲା। ଭକ୍ତମାନଙ୍କ ମନରେ ସାମୟିକ ନିରାଶା ସୃଷ୍ଟି ହୋଇଥିଲେ ମଧ୍ୟ, ସମସ୍ତେ ଧୈର୍ଯ୍ୟର ସହ ପରିସ୍ଥିତିକୁ ସାମ୍ନା କରିଥିଲେ। ରଥର ଚକ ମରାମତି କାମ ସମାପ୍ତ ହେବା ପରେ ଅପରାହ୍ନ ପ୍ରାୟ ୨ଟା ସମୟରେ ପୁଣିଥରେ ରଥଟଣା ଆରମ୍ଭ କରାଯାଇଥିଲା। ରଥ ଟାଣିବା ପାଇଁ ସକାଳୁ ହିଁ ରାଇଘର ଓ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପହଞ୍ଚିଥିଲେ। ମହିଳା, ପୁରୁଷ, ଯୁବକ, ବୃଦ୍ଧ ଏବଂ ଶିଶୁମାନଙ୍କ ଉତ୍ସାହ ଦେଖିବାଯୋଗ୍ୟ ଥିଲା। ପାରମ୍ପରିକ ବାଦ୍ୟ, ହରିବୋଲ, ଭଜନ-କୀର୍ତ୍ତନ ଓ "ଜୟ ଜଗନ୍ନାଥ" ଧ୍ୱନି ମଧ୍ୟରେ ଭକ୍ତମାନେ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ରଥ ଟାଣିଥିଲେ। ପ୍ରଶାସନ, ରଥଯାତ୍ରା କମିଟି, ସେବାୟତ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ରଥଟିକୁ ସୁରକ୍ଷିତ ଭାବେ ମାଉସୀମା' ମନ୍ଦିର ନିକଟକୁ ଅଣାଯାଇଥିଲା। ରଥ ମାଉସୀମା' ମନ୍ଦିରରେ ପହଞ୍ଚିବା ପରେ ଭକ୍ତମାନଙ୍କ ମଧ୍ୟରେ ଅପାର ଆନନ୍ଦ ଦେଖିବାକୁ ମିଳିଥିଲା। ଅନେକ ଭକ୍ତ ପ୍ରଭୁଙ୍କ ଦର୍ଶନ କରି ନିଜ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ ସ୍ୱେଚ୍ଛାସେବୀମାନେ ନିୟୋଜିତ ଥିଲେ। ସେମାନଙ୍କ ସହଯୋଗରେ ସମଗ୍ର ରଥଟଣା କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା। ରଥର ଚକ ଭାଙ୍ଗିଯିବା ଘଟଣା ରଥଯାତ୍ରାରେ ସାମୟିକ ବାଧା ସୃଷ୍ଟି କରିଥିଲେ ମଧ୍ୟ, ଶେଷରେ ପ୍ରଭୁଙ୍କ କୃପାରୁ ରଥ ମାଉସୀମା' ମନ୍ଦିରରେ ପହଞ୍ଚିବା ସହ ଭକ୍ତମାନଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ରାଇଘରର ଏହି ପବିତ୍ର ରଥଯାତ୍ରା ପୁଣିଥରେ ଧାର୍ମିକ ଏକତା, ଭକ୍ତିଭାବ ଓ ସାମାଜିକ ସଦ୍ଭାବର ଏକ ସୁନ୍ଦର ବାର୍ତ୍ତା ଦେଇଛି।

# ବିଷାକ୍ତ ମଦ ପିଇ ଦୁଇ ଭାଇଙ୍କ ମୃତ୍ୟୁ ଅଭିଯୋଗ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଞ୍ଚଳରେ ମଦ ପିଇ ଗୋଟିଏ ପରିବାରର ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରାପ୍ତ ସୂଚନା ଅନୁସାରେ ଗଜବନ୍ଧ ଗ୍ରାମର ସନ୍ତୋଷ ରାଜହଂସ (୩୮), ତେଜରାଜ ରାଜହଂସ (୪୨) ଏବଂ ଅନ୍ୟ ଭାଇ ସବୁଠାରୁ ବଡ । ସନ୍ତୋଷ ରାଜହଂସ ଅତାବିରା ଅଞ୍ଚଳରେ ଏକ ସିକ୍ୟୁରିଟି ଗାର୍ଡ ଭାବରେ କାମ କରନ୍ତି। ଅନ୍ୟ ଭାଇମାନେ ଗାଁରେ ରହନ୍ତି। ବଡଭାଇର ଝିଅ ଗାଁରେ ବିବାହ କରିଛି । ତାଙ୍କର ଏକ ପୁଅର ଅନ୍ନ ପ୍ରାସନ କାର୍ଯ୍ୟକ୍ରମ ରହିଥିଲା । ସନ୍ତୋଷ ଏବଂ ମଝିଆ ଭାଇ ତେଜରାଜ ଦୁହେଁ ମଦ ପିଇଥିଲେ । ବଡ ଭାଇ ପରେ ପିଇବି ବୋଲି କହିଥିଲେ ବୋଲି ଅଞ୍ଚଳରେ ଆଲୋଚନା ହେଉଛି । ଦୁଇ ଭାଇ ମଦ ପିଇବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ସାନ ଭାଇ ସନ୍ତୋଷକୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ । ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ପ୍ରକାଶ କରିଥିଲେ । ଅନ୍ୟ ଭାଇ ତେଜରାଜକୁ ବରପାଲି ଡାକ୍ତରଖାନା ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ରାମପୁର ଥାନାଧିକାରିଣୀ ବିନୋଦିନୀ ବରିହା ଡୁଙ୍ଗୁରିପାଲି ଡାକ୍ତରଖାନା ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବିନିକା ପଠାଇଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସଫେଇ ଦିଆଯାଇଥିବା ବେଳେ ପରିବାରର ଜଣେ ସଦସ୍ୟ ମଦ ପିଇ ମୋର କାକାର ମୃତ୍ୟୁ ହୋଇଛି ବୋଲି ବୟାନ ଦେଇଛି । ମଦ କେଉଁଠୁ ଆସିଥିଲା, ତାହା ବିଷାକ୍ତ ଥିଲା କି, ସେଥିରେ ଅନ୍ୟ କୌଣସି ରାସାୟନିକ ଦ୍ରବ୍ୟ ମିଶା ଯାଇଥିଲା କି ? ଯାହାକି ପୋଲିସ ପାଇଁ ଏକ ଚାଲେଞ୍ଜ ସୃଷ୍ଟି କରିଛି । ଗତ କିଛି ଦିନ ହେବ ରାମପୁର ଥାନା ଅଞ୍ଚଳରେ ଦେଶୀ ରନ୍ଧା ମଦର ବନ୍ୟା ଛୁଟିଥିବା ଖୋଦ ରାମପୁର ସରପଞ୍ଚ ମନୋଜ ପୁରୋହିତଙ୍କ ସମେତ ଗ୍ରାମର ଶତାଧିକ ମହିଳା, ସଚେତନ ବ୍ୟକ୍ତି ଥାନା ଏବଂ ପ୍ରଶାସନ ନିକଟରେ ଅଭିଯୋଗ କରିଆସିଥିଲେ । ଏହି ଅଞ୍ଚଳ ନିଶା କାରବାରର ହବ୍ ପାଲଟିଛି ବୋଲି ମଧ୍ୟ ଏମାନେ ଆଗରୁ ଅଭିଯୋଗ କରିଆସୁଛନ୍ତି । ଯାହାକି ଆଜି ପ୍ରମାଣିତ ହେବାରେ ଲାଗିଛି ।

# ଚୌଦ୍ୱାରରେ ଘୋଷଯାତ୍ରା ସମ୍ପନ୍ନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



ଚୌଦ୍ୱାର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଉତ୍ସାହର ସହ ପାଳିତ ହୋଇଯାଇଛି। ମଙ୍ଗଳାସାହିର ତିନିକୋଣିଆ ସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ରଥଯାତ୍ରାରେ ୩ଟି ରଥରେ ତିନିଦିଅଁଙ୍କୁ ବିଜେ କରାଇ ରଥ ଟଣାଯାଇଥିବା ବେଳେ ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଶ୍ରଦ୍ଧାର ସହିତ ଟାଣିଥିଲେ। ଅପରାହ୍ନରେ ଠାକୁର ରାଜା ଭାବେ ଡ. ପ୍ରଣୟାନନ୍ଦ ସ୍ୱାଇଁ ୩ ରଥରେ ଛେରା ପହଁରା କରିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ଏହି ଯାତ୍ରାରେ ସାମିଲ୍ ହୋଇଥିଲେ । ସେହିପରି ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଭାତରୁ ବଡ଼ ଠାକୁର, ମା' ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କର ବିଭିନ୍ନ ପୂଜାର୍ଚ୍ଚନା ଓ ନୀତିକାନ୍ତି ଶ୍ରଦ୍ଧା ଓ ଭକ୍ତିର ସହ ସମ୍ପନ୍ନ ହେବାପରେ ଅପରାହ୍ନରେ ତିନି ଦିଅଁଙ୍କୁ ପହଣ୍ଡି କରି ରଥାରୁଢ଼ କରାଯାଇଥିଲା। ଚଳିତ ବର୍ଷ ଠାକୁର ରାଜା ଭାବେ ସନ୍ତୋଷ କୁମାର ଧର ରଥରେ ଛେରା ପହଁରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଯୋଗଦେଇ ଶ୍ରଦ୍ଧାର ସହ ରଥଟାଣି ତାରିଣୀ ମନ୍ଦିର ନିକଟ ମାଉସୀ ମା' ମନ୍ଦିରକୁ ନେଇଥିଲେ। ମାଉସୀ ମା' ମନ୍ଦିରରେ ନବଦିନ ବ୍ୟାପି ତିନିଦିଅଁଙ୍କ ପୂଜାର୍ଚ୍ଚନା, ଭଜନ ସମାରୋହ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶ୍ରଦ୍ଧାଳୁ ମାନଙ୍କୁ ଅନ୍ନପ୍ରସାଦ ବିତରଣ କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ମନ୍ଦିର ଟ୍ରଷ୍ଟି ଶୁଭେନ୍ଦୁ ସାମଲ ପ୍ରକାଶ କରିଛନ୍ତି । ଗୁପ୍ତେଶ୍ୱର ସାହିରେ ଅନୁଷ୍ଠିତ ଘୋଷଯାତ୍ରାରେ ଅଜିତ୍ କୁମାର ସ୍ୱାଇଁ ଠାକୁର ରାଜା ଭାବେ ଛେରା ପହଁରା କରିଥିଲେ। ଅନୁରୂପ ଭାବେ ଓଟିଏମ୍ ବଜାର, ବିଲ୍ଟୁବଜାର, କପାଳେଶ୍ୱର, ମୁଣ୍ଡମାଳ, ଏଆର୍‌ସିରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ୨ କମ୍ପାନୀ ଫୋର୍ସ ନିୟୋଜନ କରାଯାଇଥିଲା । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଭାଜପା ନେତା ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଅର୍ଶୀବାଦ ନେଉଥିବା ଦେଖିବାକୁ ମିଳିଥିଲା । ତିନିକୋଣିଆ ରଥ ଯାତ୍ରାରେ ଉଦ୍ଧାର ଫାଉଣ୍ଡେସନ୍ ପକ୍ଷରୁ ସେବାକାର୍ଯ୍ୟ କରାଯିବା ସହିତ ଚୌଦ୍ୱାର ମା' ଧୂମାବତୀ କିନ୍ନର ସଂଘ ତରଫରୁ ଶ୍ରଦ୍ଧାଳୁ ମାନଙ୍କୁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ:ଜଣେ ମୃତ, ୩ ଗୁରୁତର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ସିନ୍ଧିଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣା ଘଟିଛି। ଏହି ଆକ୍ରଣରେ ଜଣେ ମୃତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଜଣକ ହେଲେ ଅଭିନବ ଗଦବା। ସିନ୍ଧିଗାଁ ଭାଗିରଥି ଗାଦବା ସେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଗୋପୀନାଥ ଗାଦବା ତାଙ୍କ ପୁଅ ତ୍ରିପତି ଗାଦବା ଓ ପ୍ରଫୁଲ ଗାଦବା ୩ ଜଣ ମିଶି ବୁଝାମଣା ପାଇ ଅଭିନବ ଗଦବା, ଟୁକୁନା ଗାଦବା ଓ ପ୍ରଦିପ ଗାଦବାଙ୍କୁ ଗ୍ରାମରେ ଥିବା ତ୍ରିନାଥ ମଣ୍ଡପ ନିକଟରେ ଆଙ୍ଗନବାଡି କେନ୍ଦ୍ର ସମ୍ମୁଖରେ ଡାକିଥିଲେ। ଏହି ସମୟରେ ଅଭିନବ ଗାଦବା, ଟୁକୁନା ଗଦବା ପ୍ରଦିପ ଗାଦବା ଯାଇ ସେଠାରେ ପହଞ୍ଚିବାରୁ ହଠାତ୍ ୩ ଜଣ ଗୋପୀନାଥ ତ୍ରିପତି ଓ ଫୁଫୁଲ ବିଭିନ୍ନ ଖଣ୍ଡା, ଭୁଜାଲି, ଚେନ୍ ମାରଣାସ୍ତ୍ର ଧରି ବିନା କାରଣରେ ଉତ୍ତ୍ୟକ୍ତ ହୋଇ ବିନା କୌଣସି କଥା ବର୍ତ୍ତାରେ ଟୁକୁନା ଗାଦବାକୁ ପ୍ରଫୁଲ ଗଦବା ଖଣ୍ଡା ଆକ୍ରମଣ କରିଥିଲା। ଏହି ସମୟରେ ଅଭିନବ ଗଦବାକୁ ତ୍ରିପତି ଗୋପୀନାଥ ମିଶି ଭୁଜାଲିରେ ଆକ୍ରମଣ କରିଥିଲେ। ସେହି ସମୟରେ ପ୍ରଫୁଲ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଅଭିନବକୁ ଆକ୍ରମଣ କରିଥିଲା। ଫଳରେ ଅଭିନବ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁବରଣ କରିବା ପରେ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିବାରେ ଲାଗିଥିଲେ। ଏହି ସମୟରେ ପ୍ରଦିପ ଗାଦବାକୁ ମଧ୍ୟ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ମାରଣାସ୍ତ୍ର ଆକ୍ରମଣ କରିଥିଲେ। ସେ ଗୁରୁତର ହେବାରୁ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ଟୁକୁନା ଗାଦବାକୁ ୩ ଜଣ ଦୁର୍ବୃତ୍ତ ମାଶି ମାରାଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଟୁକୁନାର ହାତ ଭାଙ୍ଗିବା ସହ ସେ ଗୁରୁତର ହୋଇ କୋରାପୁଟ ସ୍ଥିତ ଶହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ୍ କଲେଜର ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି। ଅଭିଯୋଗକାରି ଭାଗିରଥି ଗାଦବା ସ୍ତୀକୁ ମଧ୍ୟ ୩ ଜଣ ମିଶି ପେଟରେ ଲାତ ମାରିବା ଦ୍ୱାରା ସେ ଗୁରୁତର ହୋଇଥିଲେ। ତାଙ୍କୁ ମଧ୍ୟ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଏମାନଙ୍କର ପାଟି ଶୁଣି ଗ୍ରାମବାସୀ ଆସିବାରୁ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିଲେ। ଭାଗିରଥି ଗାଦବା ଭାଇ-ମା'ଙ୍କୁ ୩ ଜଣଙ୍କ କବଳରୁ ବଞ୍ଚାଇବାକୁ ଯିବା ସମୟରେ ଜଗନ୍ନାଥ ଗାଦବା ଧରି ଥିବାରୁ ଅଭିନବର ମୃତ୍ୟୁ ହୋଇଥିବା ଉଲ୍ଲେଖି କରାଯାଇଛି। ଗ୍ରାମରେ ପୋଲିସ ତରଫରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ମୃତ ବ୍ୟକ୍ତିର ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିବାବେଳେ ଏସ୍‌ଡିପିଓ ଅଙ୍କିତା ମିତଲ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ଜୟପୁର ସଦର ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## //////////////// ସଚେତନ ନାଗରିକ ମଞ୍ଚର ପରିବର୍ଦ୍ଧିତ ବୈଠକ ////////////////

# ସାମୂହିକ ପ୍ରଚେଷ୍ଟାରେ ଜିଲ୍ଲାର ସମସ୍ତ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**




ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ଆଗାମୀ କାର୍ଯ୍ୟକ୍ରମ ପାଇଁ ଖସଡା ପ୍ରସ୍ତୁତି କୋଏଲ ନଗର ସ୍ଥିତ ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଇଂ ଅଭୟ କୁମାର ଦାସଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ପି.ପି ରାୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ରାମଚନ୍ଦ୍ର ନାୟକ, ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ର, ଉପଦେଷ୍ଟା ଚିତ୍ତରଞ୍ଜନ ଦାସ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଓ ବିଶିଷ୍ଟ ଶ୍ରମିକ ନେତା ତଥା ଉପଦେଷ୍ଟା ପ୍ରଶାନ୍ତ ବେହେରା ମୁଖ୍ୟ ବକ୍ତା ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବେଶ ଉପାଦେୟ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସାମୂହିକ ପ୍ରଚେଷ୍ଟାରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ରଖିଥିଲେ। ଆଲୋଚନା ଗୁଡ଼ିକ ମଧ୍ୟରେ ଭୂମିହୀନ ୨୬ ହଜାର ଏକର ଇସ୍ପାତ କାରଖାନା ପାଇଁ ଜମି ଦାନ କରିଥିବା ସ୍ଥାନୀୟ ଜନସାଧାରଣଙ୍କ ସ୍ଥାୟୀ ସମାଧାନ, ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟକ୍ରମକୁ ଶିଘ୍ରରୁ ଶିଘ୍ର ସମ୍ପନ୍ନ କରିବା, ବିମାନ ବନ୍ଦରର ସମ୍ପ୍ରସାରଣ ଓ କେନ୍ଦ୍ର ବେସାମରିକ ବିଭାଗକୁ ହସ୍ତାନ୍ତର କରିବା, ତାଳଚେର, ବିମଳାଗଡ ରେଲପଥ ଯାହା ଦୀର୍ଘ ୬୦ ବର୍ଷ ତଳର ଦାବିକୁ ପୂର୍ଣ୍ଣାଙ୍ଗ କରିବା, ରାଉରକେଲା, ଯାଜପୁର ଓ କେନ୍ଦୁଝରକୁ ନେଇ ରେଳ ଡିଭିଜନ୍ ପ୍ରତିଷ୍ଠା, ଯେହେତୁ ସୁନ୍ଦରଗଡ ଜିଲ୍ଲା ଆଦିବାସୀ ବହୁଳ ତେଣୁ ସୁନ୍ଦରଗଡ ଠାରେ ଆଦିବାସୀ ଆବାସିକ ମହାବିଦ୍ୟାଳୟ ପ୍ରତିଷ୍ଠା, ବିରମିତ୍ରପୁର ଠାରେ କୃଷି ମହାବିଦ୍ୟାଳୟ, ରାଉରକେଲା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଏକ ବିଶ୍ୱବିଦ୍ୟାଳୟ କରାଯିବା, ରାଉରକେଲା ସରକାରୀ ଡାକ୍ତରଖାନାକୁ ମେଡିକାଲ୍ କଲେଜ କରିବା, ସମ୍ବଲପୁର, ରାଉରକେଲା ଓ କେନ୍ଦୁଝର ଜିଲ୍ଲାର ଶ୍ରମିକ ବହୁଳ ଅଞ୍ଚଳ ହୋଇଥିବାରୁ ରାଉରକେଲା ଠାରେ ଏକ ଇଏସ୍‌ଆଇସି ହସ୍ପିଟାଲ୍ କରିବା, କେନ୍ଦୁଝର, ସାନଘାଗରା, ବଡଘାଘରା, ବଣେଇ, ଖଣ୍ଡାଧାର, ରାଉରକେଲା ବେଦବ୍ୟାସ ଠାରୁ ବଲାଙ୍ଗୀର ହରିଶଙ୍କର ପର୍ଯ୍ୟନ୍ତ ଏକ ପର୍ଯ୍ୟଟନ କରିଡର କରିବା, ରାଉରକେଲା, ରାଜଗାଙ୍ଗପୁର, ବିରମିତ୍ରପୁର ଏବଂ ରଘୁନାଥପାଲୀ ସହରକୁ ମିଶାଇ ବୃହତ ରାଉରକେଲା, ସବୁଜ ରାଉରକେଲା ଖସଡା ପ୍ରସ୍ତୁତ କରି ମେଟ୍ରୋପଲିଟାନ ସିଟି କରିବା ଓ ଓଡ଼ିଆ ଭାଷା ସାହିତ୍ୟର ସଂସ୍କୃତିର ପ୍ରତୀକ ଆଦର୍ଶ ପାଠାଗାର ସମ୍ପର୍କରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଅନ୍ୟ ବକ୍ତାଙ୍କ ମଧ୍ୟରେ ସର୍ବଶ୍ରୀ ରାଧାକାନ୍ତ ମିଶ୍ର, ଭରତ ବାଇ, ଅରବିନ୍ଦ ଦାସ, ଶଶଧର ପାତ୍ର, ନିରଞ୍ଜନ ଦାସ, ବିରେନ୍ ସେନାପତି, ଦିଗମ୍ବର ମହାନ୍ତି, ବିଚିତ୍ରାନନ୍ଦ ସାହୁ, ସଚଳା ପଣ୍ଡା ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅତିଥି ଓ ବକ୍ତାମାନେ ଏହି ସବୁ କାର୍ଯ୍ୟକ୍ରମରେ ଜିଲ୍ଲାର ସାଂସଦ, ରାଜ୍ୟସଭା ସାଂସଦ ଓ ଲୋକପ୍ରତିନିଧି ମାନେ ଉପଯୁକ୍ତ ଫୋରମ୍‌ରେ ଦାବି ଉପସ୍ଥାପନ କରିବା ପାଇଁ ମତ ରଖିଥିଲେ। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ସର୍ବଶ୍ରୀ ନିହାର ରାୟ, ବିଜୟ ବରାଳ, ରାଜୀବ ପାଣି, ଚକ୍ରାନ୍ତ ଜେନା, ଅକ୍ଷୟ ଦାସ, ଭଗବାନ ମହାପାତ୍ର, ଭଗବାନ ରାଉତ, ରଞ୍ଜିତ ଛୋଟରାୟ, ଗଙ୍ଗାଧର ଦାଶ, ବିଷ୍ଣୁଚରଣ ସାମଲ, କୁଞ୍ଜ ବିହାରୀ ରାଉତ, ରାଜକିଶୋର ମିଶ୍ର, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ନଳିନୀକାନ୍ତ ଧର, ସଞ୍ଜୀବ ମହାନ୍ତି, ସୁବ୍ରତ ମଲ୍ଲିକ, ବିକ୍ରମ ଆଚାର୍ଯ୍ୟ, ଜଗନ୍ନାଥ ରାଉତ, ଚନ୍ଦ୍ରଶେଖର ଶତପଥୀ, ସୁକାନ୍ତ ଖୁଣ୍ଟିଆ, ପ୍ରଦୀପ୍ତ ରାୟ, ଭୁବନାନନ୍ଦ ବେହେରା, ନିତ୍ୟାନନ୍ଦ ବିଶ୍ୱାଳ, ସସ୍ମିତା ପ୍ରଧାନ, ଫକୀରମୋହନ ପାଣି, ହୃଷିକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ମା' ବିଡ୍ରି ଠାକୁରାଣୀଙ୍କ ଭୋଗ ମଣ୍ଡପର ଶିଳାନ୍ୟାସ



**ଝରିଗାଁ, ନ୍ୟୁଜ୍ ବ୍ୟୁରୋ**

ଝରିଗାଁ ନିର୍ବାଚନ ମଣ୍ଡଳୀର ଧୋଡ୍ରା ପଞ୍ଚାୟତ ଅନ୍ତର୍ଗତ ଭାସ୍କେଲ ନଦୀ କୂଳରେ ଅବସ୍ଥିତ ଥିବା ଅଞ୍ଚଳର ଜଣେ ପ୍ରତ୍ୟକ୍ଷ ଦେବୀ ମା' ବିଡ୍ରି ଠାକୁରାଣୀଙ୍କ ପୀଠରେ ଭୋଗ ମଣ୍ଡପ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଝରିଗାଁ ବିଧାୟକ ନରସିଂହ ଭତରା ଏବଂ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଏହି ଭିତ୍ତି ପ୍ରସ୍ତର ସ୍ଥାପନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନେଇ ସୂଚନା ଦେଇଛନ୍ତି । ମା' ଯେହେତୁ ଅଞ୍ଚଳର ଜଣେ ବିଶିଷ୍ଟ ଦେବୀ, ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ନିକଟକୁ ଅଧିଆ ପଡିବା ସହିତ ମା'ଙ୍କ ପୀଠରେ ଭୋଗରାଗର ଆୟୋଜନ ମଧ୍ୟ କରିଥାନ୍ତି । ହେଲେ ଭୋଗ ମଣ୍ଡପ ନଥିବା ଯୋଗୁ ଅନେକ ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିଗୋଚର ହେଉଛି । ଏସବୁ ଲକ୍ଷ୍ୟ କରି ସ୍ଥାନୀୟ ବିଧାୟକ ଓ ଶିକ୍ଷାମନ୍ତ୍ରୀ ମନ୍ଦିରର ଉନ୍ନତିକରଣ ପାଇଁ ଆଲୋଚନା କରିଥିଲେ। ପରେ ମନ୍ଦିରର ଉନ୍ନତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କିପରି ମନ୍ଦିରର ଉନ୍ନତି ହୋଇପାରିବ ସେଥିପାଇଁ ଚିନ୍ତା କରିଥିଲେ ।କିନ୍ତୁ ପ୍ରଥମ ପର୍ଯ୍ୟାୟରେ ନିଜ ନିଜ ପାଖିରୁ କିଛି କିଛି ଅନୁଦାନ ଦେବା ସହିତ ଶ୍ରଦ୍ଧାଳୁ ମାନଙ୍କ ଅନୁଦାନ ଟଙ୍କାରେ ଭୋଗ ମଣ୍ଡପ ନିର୍ମାଣ କରିବା ପାଇଁ ନିଷ୍ପତି ନେଇଥିଲେ । ଦଳୀୟ କର୍ମୀ ଓ କର୍ମକର୍ତ୍ତା ମାନଙ୍କୁ ସାଙ୍ଗରେ ଧରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଭୋଗ ମଣ୍ଡପର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ଶ୍ରଦ୍ଧାଳୁ ମାନଙ୍କୁ ନିଜସ୍ୱ ଇଚ୍ଛାରେ ଅନୁଦାନ ଦେବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ଭତରା ଓ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଏସ୍‌ଡିସି ଅଧକ୍ଷ ବାସନ୍ତୀ ମାଝୀ, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ଗଣପତି ସାହୁ, ଧଡ୍ରା ସରପଞ୍ଚ ମହେନ୍ଦ୍ର ଭତରା, ମହେଶ୍ୱର ହରିଜନ, ଅରୁଣ ପନକା, ବୁଦ୍ଧିଜୀବୀ କେଦାରେଶ୍ୱର ପଟ୍ଟନାୟକ, ବଂଶୀଧର ଭୂୟାଁ, ମନ୍ଦିର କମିଟି ସଭାପତି କୃଷ୍ଣ ପୂଜାରୀ, ସଦା ପୂଜାରୀ, ସଭା ପନକା, ଧଡ୍ରା ମଣ୍ଡଳ ସଭାପତି ବ୍ରୁଜ ବଲ ଗୌଡ଼, ଖଓଣ୍ଡା ମଣ୍ଡଳ ସଭାପତି ଉତ୍ତମ ହରିଜନ, ବୋରଣ୍ଡି ମଣ୍ଡଳ ସଭାପତି ଇଶ୍ୱର ଭତରା, ଆସୁ ମଣ୍ଡଳ, ସମିରଣ ରୟ, କାଳା ଦା, ଶ୍ୟାମଲାଲ, ସୁଜନ ଭୋକ୍ତ, ଯୋଜେନ୍ଦ୍ର ପାଣ୍ଡେ, ପୁରୁଷୋତ୍ତମ ଗଣ୍ଡ ସହ ବୁଦ୍ଧିଜୀବୀ ସମାଜ ସେବୀ ପ୍ରମୁଖ ଉପସ୍ଥିତ ଥିଲେ।

## //////////////// ଔଷଧ ଦୋକାନ ଆଳରେ ଚାଲିଛି ମୃତ୍ୟୁର କାରବାର ////////////////

# ବିନା ପ୍ରେସ୍କ୍ରିପ୍ସନ୍‌ରେ ମିଳୁଛି 'ଡେଥ୍ କିଟ୍' ଓ ନିଷିଦ୍ଧ ଔଷଧ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ପୌରପରିଷଦ ଅଞ୍ଚଳରେ ଏବେ ଛତୁ ଫୁଟିଲା ଭଳି ବେଆଇନ୍ ଔଷଧ ଦୋକାନ ଖୋଲିବାରେ ଲାଗିଛି। ସାଧାରଣ ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଏହି ବ୍ୟବସାୟୀଙ୍କ ପାଇଁ ସାଧାରଣ ରାସ୍ତା ପାଲଟିଛି ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ଡ୍ରଗ୍ସ ବିଭାଗ। ସରକାରୀ ନିୟମକୁ ବେଖାତିର କରି କିଛି ଅସାଧୁ ଦୋକାନୀ ଅନ୍ୟ ଫାର୍ମାସିଷ୍ଟଙ୍କ ନାମରେ ଲାଇସେନ୍ସ ଆଣି ନିଜେ କିମ୍ବା ନିଜ ପରିବାର ଲୋକଙ୍କ ଦ୍ୱାରା ଦୋକାନ ଚଳାଉଛନ୍ତି। ଏପରିକି ଏନ୍‌ଏସିରୁ ଅନିବାର୍ଯ୍ୟ ଟ୍ରେଡ୍ ଲାଇସେନ୍ସ ନଆଣି ମଧ୍ୟ ଅନେକ ଦୋକାନ ବେଧଡ଼କ୍ ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଭଦ୍ରକ ଜିଲ୍ଲା ଡ୍ରଗ୍ସ ଇନ୍‌ସପେକ୍ଟର ଏବଂ ଡ୍ରଗ୍ସ କଣ୍ଟ୍ରୋଲର କାର୍ଯ୍ୟାଳୟ ସବୁ ଜାଣିଶୁଣି ନିଦାବିଷ୍ଟ ସାଜିଛନ୍ତି। ନିୟମିତ ଯାଞ୍ଚ ଅଭାବରୁ ଏହି ଅସାଧୁ ଦୋକାନୀମାନଙ୍କ ସାହସ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିୟମ ଅନୁଯାୟୀ, ଗର୍ଭପାତ ପାଇଁ ବ୍ୟବହୃତ 'ଅନ୍‌ୱାଣ୍ଟେଡ୍ କିଟ୍, (ମିଫେପ୍ରିଷ୍ଟନ୍ ଓ ମିଜୋପ୍ରଷ୍ଟଲ) ଭଳି ସିଡ୍ୟୁଲ୍-ଏଚ୍ ବର୍ଗର ଅତି ସମ୍ବେଦନଶୀଳ ଔଷଧ କେବଳ ପଞ୍ଜିକୃତ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଲିଖିତ ପ୍ରେସ୍କ୍ରିପସନ୍ ଏବଂ ସ୍ୱତନ୍ତ୍ର ରେକର୍ଡ ରଖି ବିକ୍ରି କରାଯିବା କଥା। ମାତ୍ର ଧାମନଗରରେ ଏହା ଖୋଲାଖୋଲି ମିଳୁଛି। ଏହା ସହିତ ନିକଟରେ ସରକାର ପ୍ରତିବନ୍ଧକ ଲଗାଇଥିବା ୧୬ଟି ସ୍ୱାସ୍ଥ୍ୟହାନିକାରୀ ଏଫଡିସି ଔଷଧ (ଯେପରିକି ମକ୍ସିକାଇଣ୍ଡ-ଏସ୍, ସୁଡୋକ୍ଲାଭ୍, ସ୍ୱାଜମୋନିଲ୍) ମଧ୍ୟ ଏଠାରେ ବେଆଇନ୍ ଭାବେ ବିକ୍ରି ହେଉଛି। ପ୍ରତିନିଧିଙ୍କ ଦ୍ୱାରା କରାଯାଇଥିବା ଏକ ଗୁପ୍ତ ରିଆଲିଟି ଟେଷ୍ଟରୁ ଜଣାପଡ଼ିଛି ଯେ, ଧାମନଗରର କେତେକ ମେଡିସିନ୍ ଦୋକାନୀ ଗ୍ରାହକଙ୍କୁ ପ୍ରେସ୍କ୍ରିପସନ୍ ମାଗିନଥିଲେ। ନିଶାପ୍ରଦ ସିଡ୍ୟୁଲ୍-ଏକ୍ସ ଏବଂ ଅପବ୍ୟବହାର ହେଉଥିବା ସିଡ୍ୟୁଲ୍ ଏଚ୍ ୱାନ୍ ଆଣ୍ଟିବାୟୋଟିକ୍ ରେଜିଷ୍ଟର ମଧ୍ୟ ଏହି ଦୋକାନଗୁଡ଼ିକରେ କେବଳ କାଗଜପତ୍ରରେ ସୀମିତ ରହିଛି। ସାଧାରଣ ରୋଗୀଙ୍କ ଅଜ୍ଞତାର ସୁଯୋଗ ନେଇ ଜେନେରିକ୍ ଔଷଧକୁ ବ୍ରାଣ୍ଡେଡ୍ ଦାମ୍‌ରେ ବିକ୍ରି କରି ଦୋକାନୀମାନେ ଲୋକଙ୍କୁ ଶୋଷଣ କରୁଛନ୍ତି। ଅଧିକ କମିଶନ ଆଶାରେ ବିନା ବିଲ୍‌ରେ କିଛି ଅଜ୍ଞାତ କମ୍ପାନୀର ନକଲି ତଥା ନିମ୍ନମାନର ମଲ୍ଟିଭିଟାମିନ୍, ପ୍ରୋଟିନ୍ ପାଉଡର ଓ ଷ୍ଟେର୍‌ଏଡ୍ ଆଣି ଅସଲି ଦାମ୍‌ରେ ବିକ୍ରି କରାଯାଉଛି। ଏଥିରେ ସେମାନଙ୍କୁ ୫୦% ରୁ ୮୦% ମୁନାଫା ମିଳୁଥିବା ବେଳେ ରୋଗୀର କିଡନୀ ଓ ଲିଭର ନଷ୍ଟ ହେବାର ଆଶଙ୍କା ଉପୁଜୁଛି। ଧାମନଗରର ଅଧିକାଂଶ ଔଷଧ ଦୋକାନ ଏବେ ବେଆଇନ୍ ଅସ୍ଥାୟୀ କ୍ଲିନିକ୍‌ରେ ପରିଣତ ହୋଇଛି। କଟକ ଓ ଭୁବନେଶ୍ୱରର ବଡ଼ ଡାକ୍ତରଙ୍କ ନାମ ପ୍ରଚାର କରି ନକଲି ଡାକ୍ତର ଏବଂ ଆୟୁଷ ଡାକ୍ତରମାନଙ୍କୁ ବସାଇ ଓପିଡି ଚଲାଯାଉଛି। କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି କୌଣସି ଅନୁମତି ବିନା ଏହି ଦୋକାନ ଗୁଡ଼ିକରେ ରୋଗୀଙ୍କୁ ସାଲାଇନ୍ ଚଢ଼ାଯାଉଛି ଏବଂ ଛୋଟମୋଟ ସର୍ଜରୀ କରାଯାଉଛି। ଏପରିକି ଗ୍ରାହକ ଯେପରି ଅନ୍ୟ ଦୋକାନକୁ ନଯିବେ, ସେଥିପାଇଁ ଡାକ୍ତର ଦେଖିସାରିବା ମାତ୍ରେ ଦୋକାନୀଙ୍କ କର୍ମଚାରୀ ପ୍ରେସ୍କ୍ରିପ୍ସନ୍ ଛଡ଼ାଇ ଆଣୁଛନ୍ତି। ଡ୍ରଗ୍ସ ଇନ୍‌ସପେକ୍ଟରଙ୍କ ଏହି ସନ୍ଦେହଜନକ ନୀରବତା କାହା ସ୍ୱାର୍ଥରେ ? ମୁଣ୍ଡଗୁଞ୍ଜିବା ପାଇଁ ମାସିକ ଲାଞ୍ଚ କାରବାର ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କ ଜୀବନକୁ ମରଣ ମୁହଁକୁ ଠେଲି ଦିଆଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏ ଦିଗରେ ତୁରନ୍ତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ଭଦ୍ରକ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଅକ୍ଟୋବର ୫ରୁ ୧୭ ବର୍ଷରୁ କମ୍ ଏସିଆ କପ୍ କ୍ୱାଲିଫାୟର୍ସ




**କୁଆଲାଲମ୍ପୁର**

ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍ ଦଳ ତା'ର ଏଏଫ୍‌ସି ଏସୀୟ କପ୍ କ୍ୱାଲିଫାୟର୍ସ ଅଭିଯାନ ଇରାକ ବିପକ୍ଷରୁ ଆରମ୍ଭ କରିବ। ଅକ୍ଟୋବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ କୁଆଲାଲମ୍ପୁରଠାରେ ଖେଳାଯିବାକୁଥିବା ଏହି ପ୍ରତିଯୋଗିତା ଲାଗି ଗୁରୁବାର ଏସୀୟ ଫୁଟ୍‌ବଲ୍ ମହାସଂଘ (ଏଏଫ୍‌ସି) ସୂଚୀ ଘୋଷଣା କରିଛି।

ଭାରତ ଗ୍ରୁପ୍-ଇ'ରେ ଇରାକ, ମାଲେସିଆଓ ସିରିୟା ସହ ରହିଛି। ଇରାକ ବିପକ୍ଷ ମ୍ୟାଚ୍ ପରେ ସିରିୟା ଓ ମାଲେସିଆ ବିପକ୍ଷରେ ଖେଳିବ ଭାରତ। ଏହି ଗ୍ରୁପ୍ ବିଜେତା ଦଳ ଆସନ୍ତା ବର୍ଷ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ସୁଝୋରେ ହେବାକୁ ଥିବା ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ଲାଗି ଯୋଗ୍ୟତା ଅର୍ଜନ କରିବ। ଗତ ସଂସ୍କରଣ ଏସୀୟ କପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚି ଇତିହାସ ରଚିଥିଲା।

ପୁଣି ଥରେ ଏସୀୟ କପ୍‌କୁ ଯୋଗ୍ୟତା ଅର୍ଜନ କରିବାର ଲକ୍ଷ୍ୟ ରଖିଛି ଭାରତ। କ୍ୱାଲିଫାୟର୍ସରେ ୮ ଗ୍ରୁପ୍‌ର ଶୀର୍ଷ ଦଳ ୧୧ତମ ଏସୀୟ କପ୍‌ରେ ଗତ ସଂସ୍କରଣ ୪ ଦଳ ସହ ଯୋଗଦେବେ। ଏସୀୟ କପ୍‌ର ୪ ସେମିଫାଇନାଲିଷ୍ଟ ଆସନ୍ତା ବର୍ଷ ମରକକୋରେ ହେବାକୁ ଥିବା ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବ।

# ୨୦୨୬ ବିଶ୍ୱକପରେ ଗୋଲଡେନ ବୁଟ ପୁରସ୍କାରରୁ ବଞ୍ଚିତ ହୋଇପାରନ୍ତି ମେସି

**ଟରଣ୍ଟୋ**

ଲିଓନେଲ ମେସି ଏବଂ କିଲିଆନ ଏମବାପ୍ପେ ୨୦୨୬ ଫିଫା ବିଶ୍ୱକପରେ ମିଳିତ ଭାବରେ ସର୍ବାଧିକ ଗୋଲ ସ୍କୋରର; ଉଭୟ ୮ ଗୋଲ କରିଛନ୍ତି। ଫ୍ରାନ୍ସ ଟାଇଟଲ ଦୌଡ଼ରୁ ବାହାରକୁ ଆସିଛି, ଯେତେବେଳେ ଆର୍ଜେଣ୍ଟିନା ଲଗାତାର ଦ୍ୱିତୀୟ ସଂସ୍କରଣ ପାଇଁ ଟାଇଟଲ ଜିତିବାର ଏକ ଦୃଢ଼ ଦାବିଦାର। ମେସି ବର୍ତ୍ତମାନ ଗୋଲ ସ୍କୋରର ତାଲିକାରେ ଶୀର୍ଷରେ ଅଛନ୍ତି, ତଥାପି ତାଙ୍କ ପାଇଁ ଗୋଲଡେନ ବୁଟ ପୁରସ୍କାର ନିଶ୍ଚିତ ନୁହେଁ; ଏହା ଏପର୍ଯ୍ୟନ୍ତ ତାଙ୍କ ହାତରୁ ଖସି ଯାଇପାରେ।

ଲିଓନେଲ ମେସି ଫିଫା ବିଶ୍ୱକପ ଇତିହାସରେ ସର୍ବାଧିକ ଗୋଲ ସ୍କୋରର, ଏବଂ ତାଙ୍କ ଦଳ ପୂର୍ବ ସଂସ୍କରଣରେ ଟାଇଟଲ ଜିତିଥିଲା। ତଥାପି, ଏହା ଜାଣି ଆପଣଙ୍କୁ ଆଶ୍ଚର୍ଯ୍ୟ ହୋଇପାରେ ଯେ ସେ କେବେ ବି ଗୋଲଡେନ ବୁଟ ପୁରସ୍କାର ଜିତି ନାହାଁନ୍ତି, ଯାହା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍କୋରରଙ୍କୁ ଦିଆଯାଇଥାଏ। ସେ ଏଥର ଏହା ଜିତିବା ପାଇଁ ବହୁତ ନିକଟତର, କିନ୍ତୁ ତାଙ୍କ ସ୍ୱପ୍ନ ଭାଙ୍ଗିଯିବାର ଆଶଙ୍କା ଅଛି। ତାଙ୍କୁ କିଏ ପଛରେ ପକାଇପାରିବ।



ଲିଓନେଲ ମେସି ଏବଂ ଫ୍ରାନ୍ସର କିଲିଆନ ଏମବାପ୍ପେ ଉଭୟ ୮ ଗୋଲ କରିଛନ୍ତି। ସେମିଫାଇନାଲ ପୂର୍ବରୁ, ଏମବାପ୍ପେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ; ଯେତେବେଳେ ସେମାନଙ୍କ ଗୋଲ ସଂଖ୍ୟା ସମାନ ଥିଲା, ଏମବାପ୍ପେ ସହାୟତାରେ ନେତୃତ୍ୱ ନେଇଥିଲେ। ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ମେସି ଦୁଇଟି ଆସିଷ୍ଟ ପ୍ରଦାନ କରିଥିଲେ, ଯାହା ଦ୍ୱାରା ନମ୍ବର ୱାନ ସ୍ଥାନ ହାସଲ କରିବା ପାଇଁ ଏମବାପ୍ପେଙ୍କ ଆଗରେ ରହିଯାଇଥିଲା। ଯଦିଓ ଫ୍ରାନ୍ସ ଟାଇଟଲ ଦୌଡ଼ରୁ ବାହାର ହୋଇଯାଇଛି, ତଥାପି ସେମାନଙ୍କର ଗୋଟିଏ ମ୍ୟାଚ ବାକି ଅଛି।

ଦୁଇ ସେମିଫାଇନାଲ ପରାଜିତ ଦଳ, ଫ୍ରାନ୍ସ ଏବଂ ଇଂଲଣ୍ଡ, ତୃତୀୟ ସ୍ଥାନ ପାଇଁ ମୁହାଁମୁହିଁ ହେବେ। ଏହି ମ୍ୟାଚ ଶନିବାର ରାତି ୧୨ଟା ୩୦ରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ଅଛି। ଏମବାପ୍ପେଙ୍କ ପାଖରେ ଗୋଲ ଦେଇ କିମ୍ବା ଆସିଷ୍ଟରେ ଆର୍ଜେଣ୍ଟିନା ତାରକାଙ୍କୁ ପଛରେ ପକାଇ ମେସିଙ୍କୁ ପଛରେ ପକାଇବାର ସୁଯୋଗ ଅଛି।

ଯଦି କିଲିଆନ ଏମବାପ୍ପେ ଇଂଲଣ୍ଡ ବିପକ୍ଷରେ ଗୋଲ କରିବାରେ ବିଫଳ ହୁଅନ୍ତି କିମ୍ବା ଆସିଷ୍ଟରେ ମେସିଙ୍କୁ ପଛରେ ପକାଇ ଦିଅନ୍ତି, ତେବେ ମେସି ଗୋଲଡେନ ବୁଟ ଜିତିବା ପ୍ରାୟ ନିଶ୍ଚିତ ହୋଇଯିବ। ତଥାପି, ଯଦି ଆଜି ଏମବାପ୍ପେ ଆଗକୁ ବଢ଼ିଥାନ୍ତି, ତେବେ ଫାଇନାଲରେ ମେସିଙ୍କ ପ୍ରଦର୍ଶନ ପୁରସ୍କାରର ଚୂଡ଼ାନ୍ତ ବିଜେତା ନିର୍ଣ୍ଣୟ କରିବ।

# ଝାରସୁଗୁଡ଼ାରେ ଜୟ ହିନ୍ଦ କ୍ଲବର ୧୩ତମ ଫୁଟବଲ ଟ୍ରଫି ଉନ୍ମୋଚନ, ଫ୍ରେଣ୍ଡଲି ମ୍ୟାଚ୍ ଆୟୋଜିତ

**ଝାରସୁଗୁଡା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମନମୋହନ ଏମ୍.ଇ. ସ୍କୁଲ ପଡ଼ିଆରେ ଜୟ ହିନ୍ଦ କ୍ଲବ ପକ୍ଷରୁ ଆୟୋଜିତ ୧୩ତମ ଫୁଟବଲ ଲିଗ୍-କମ୍-ନକ୍‌ଆଉଟ୍ ପ୍ରତିଯୋଗିତାର ଟ୍ରଫି ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏହି ଅବସରରେ ସରବାହାଲ ଜୟ ଜୱାନ କ୍ଲବ ଓ ବେହେରାପାଟ ଦଳ ମଧ୍ୟରେ ଏକ ରୋମାଞ୍ଚକର ଫ୍ରେଣ୍ଡଲି ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ୟାରେ ଲାଲ ଶ୍ରୀବାସ୍ତବ, ବରିଷ୍ଠ ସାମ୍ବାଦିକ ବସନ୍ତ ଜେନା, ପ୍ରୀତମ ପଣ୍ଡା, ଜିଲ୍ଲା ଆଥଲେଟିକ୍ସ ଆସୋସିଏସନର କାର୍ଯ୍ୟକାରୀ ସଭାପତି ତପସ କୁମାର ରାୟ ଚୌଧୁରୀ ଓ ରାଜକୁମାର ଶର୍ମା ଉପସ୍ଥିତ ଥିଲେ। ଅତିଥିମାନେ ମିଳିତ ଭାବେ ଟ୍ରଫି ଉନ୍ମୋଚନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜୟ ହିନ୍ଦ କ୍ଲବର ସଭାପତି ମୋହନ କୁମାର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ବାସୁଦେବ ସେଠୀ, ସମ୍ପାଦକ କାଜଲ ଗୁହା, ଉପସଭାପତି ରାଜୁ ଶ୍ରୀବାସ, ଭିଖାରୀ ମୁଣ୍ଡା, ଦଶରଥ ମୁଣ୍ଡା, ରାଧେଶ୍ୟାମ ସିଂହ, ବସନ୍ତ କୁମାର ମହାନ୍ତି, ବସନ୍ତ ଶ୍ରୀବାସ, ଶ୍ରୀନିବାସ ସେଠୀଙ୍କ ସହ କ୍ଲବର ବହୁ ସଦସ୍ୟ ଓ କ୍ରୀଡ଼ାପ୍ରେମୀ ଯୋଗଦେଇଥିଲେ। ଆୟୋଜକମାନେ କହିଛନ୍ତି, ଏହି ପ୍ରତିଯୋଗିତା ମାଧ୍ୟମରେ ଅଂଚଳରେ ଫୁଟବଲ ଖେଳର ପ୍ରସାର ସହ ଯୁବପିଢ଼ି ମଧ୍ୟରେ କ୍ରୀଡ଼ା ମନୋଭାବ ଓ ସୁସ୍ଥ ପ୍ରତିଯୋଗିତାର ଭାବନାକୁ ପ୍ରୋତ୍ସାହନ ଦିଆଯିବ।

## ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମ

# ବିଜେତା ଦଳକୁ ମେଡାଲ ସହ ମିଳିବ 'ଚାମ୍ପିଅନସିପ୍ ରିଙ୍ଗ୍'

**ନୂଆଦିଲ୍ଲୀ**

ଫିଫା ବିଶ୍ୱକପ୍ ୨୦୨୬ର ବିଜେତା ଖେଳାଳିମାନଙ୍କୁ ଚଳିତ ବର୍ଷ ଏକ ସ୍ୱତନ୍ତ୍ର ସମ୍ମାନ ମିଳିବ। ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ଚାମ୍ପିଅନ୍ ହେବାକୁ ଥିବା ଦଳର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ଟ୍ରଫି ଓ ଗୋଲ୍ଡ ମେଡାଲ୍ ସହିତ 'ଚାମ୍ପିଅନସିପ୍ ରିଙ୍ଗ୍' ମଧ୍ୟ ପ୍ରଦାନ କରାଯିବ। ଫିଫା ଏନେଇ ଆଧିକାରିକ ଭାବେ ଘୋଷଣା କରିଛି। ଫିଫା ଅନୁଯାୟୀ ଏହି ରିଙ୍ଗ୍ ଆମେରିକୀୟ କ୍ରୀଡ଼ାର ପ୍ରସିଦ୍ଧ ପରମ୍ପରା ଦ୍ୱାରା ଅନୁପ୍ରାଣିତ ଏବଂ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍‌ର ଅଂଶବିଶେଷ ହେବାକୁ ଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖେଳାଳିମାନଙ୍କୁ ସେମାନଙ୍କର ଏହି ଐତିହାସିକ ବିଜୟର ଏକ ସ୍ମରଣୀୟ ସ୍ମୃତି ପ୍ରଦାନ କରିବା।

ଏହି ରିଙ୍ଗ୍‌ର ଗୋଟିଏ ପଟେ ଫିଫା ବିଶ୍ୱକପ୍ ଟ୍ରଫି ଚିତ୍ର ରହିବ, ସମପରି ଅନ୍ୟ ପଟେ ବିଜେତା ଦଳ ଅନୁଯାୟୀ ଏକ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ରିଙ୍ଗ୍‌ରେ ଏକ ସ୍ୱତନ୍ତ୍ର ନମ୍ବର ରହିବ। ଯାହାକୁ ଖେଳାଳିଙ୍କ ହିସାବରେ ଡିଜାଇନ୍ କରାଯିବା ସହ ଏହା ଅସଲି ହେବାର ଏକ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ। ଫାଇନାଲ୍ ମ୍ୟାଚ୍ ଶେଷ ହେବା ମାତ୍ରେ ହିଁ ବିଜେତା ଦଳର ଅଧିନାୟକ ଏବଂ ମୁଖ୍ୟ କୋଚ୍‌ଙ୍କୁ ଅସ୍ଥାୟୀ ରିଙ୍ଗ୍ ଦିଆଯିବ। ଏହା ପରେ ସମ୍ପୂର୍ଣ୍ଣ ବିଜେତା ଦଳ ପାଇଁ ୩୦ଟି ରିଙ୍ଗ୍ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ରିଙ୍ଗ୍‌କୁ ଖେଳାଳିମାନଙ୍କ ଆବଶ୍ୟକତା ଅନୁଯାୟୀ କଷ୍ଟମାଇଜ୍ କରାଯିବ ଏବଂ ପରେ ଆଧିକାରିକ ଭାବେ ସେମାନଙ୍କୁ ହସ୍ତାନ୍ତର କରାଯିବ।

ଫିଫା ସୂଚନା ଦେଇ କହିଛି ଯେ, ଏହି ରିଙ୍ଗ୍‌ର ମୋଟ୍ ୨୦୨୬ ପିସ୍‌ର ଏକ ଲିମିଟେଡ୍ ଏଡିସନ୍ ପ୍ରସ୍ତୁତ କରାଯିବ। ଏଥିମଧ୍ୟରୁ ୩୦ଟି ରିଙ୍ଗ୍ ବିଶ୍ୱ ଚାମ୍ପିଅନ୍ ଦଳକୁ ମିଳିବ। ସେହିପରି ଅବଶିଷ୍ଟ ୧୯୯୬ଟି ରିଙ୍ଗ୍ ସାରା ବିଶ୍ୱର ଫୁଟବଲ୍ ପ୍ରେମୀଙ୍କ ପାଇଁ ଏକ ଆଧିକାରିକ ଲାଇସେନ୍ସପ୍ରାପ୍ତ ଉତ୍ପାଦ ଭାବରେ ବିକ୍ରି ପାଇଁ ଉପଲବ୍ଧ ହେବ।



ସ୍ପେନ୍ ଏବଂ ଆର୍ଜେଣ୍ଟିନା ମଧ୍ୟରେ ଖେଳାଯିବ ଫାଇନାଲ୍ : ଫିଫା ବିଶ୍ୱକପ୍ ୨୦୨୬ ର ଫାଇନାଲ୍ ୟୁରୋପୀୟ ଚାମ୍ପିଅନ୍ ସ୍ପେନ୍ ଏବଂ ଚଳିତ ବିଶ୍ୱ ଚାମ୍ପିଅନ୍ ଆର୍ଜେଣ୍ଟିନା ମଧ୍ୟରେ ଖେଳାଯିବ। ସେମିଫାଇନାଲରେ ଶକ୍ତିଶାଳୀ ମନେ କରାଯାଉଥିବା ଫ୍ରାନ୍ସ ଦଳକୁ ପରାସ୍ତ କରି ସ୍ପେନ୍ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟ ଥର ଏବଂ ସମଗ୍ର ଭାବେ ସପ୍ତମ ଥର ପାଇଁ ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି। ଆର୍ଜେଣ୍ଟିନା ଏକ ରୋମାଞ୍ଚଭରା ଦ୍ୱିତୀୟ ସେମିଫାଇନାଲ୍ ମୁକାବିଲାରେ ଇଂଲଣ୍ଡକୁ ୨–୧ ରେ ପରାସ୍ତ କରିଥିଲା।

ଆର୍ଜେଣ୍ଟିନା ଦଳ ଗ୍ରୁପ୍ ପର୍ଯ୍ୟାୟରେ କ୍ରମାଗତ ତିନୋଟି ବିଜୟ ସହ ନିଜର ଅଭିଯାନ ଆରମ୍ଭ କରିଥିଲା। ଅଧିନାୟକ ଲିଓନେଲ୍ ମେସି ଚମତ୍କାର ଫର୍ମରେ ଗତି କରୁଛନ୍ତି। ସେ ଚଳିତ ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଆଠଟି ଗୋଲ୍ ସ୍କୋର କରିସାରିଛନ୍ତି, ଯାହା ଫଳରେ ତାଙ୍କ ବିଶ୍ୱକପ୍ କ୍ୟାରିୟରର ମୋଟ୍ ଗୋଲ୍ ସଂଖ୍ୟା ୨୧ରେ ପହଞ୍ଚିଛି। ଫାଇନାଲ୍‌ରେ ମଧ୍ୟ ଆର୍ଜେଣ୍ଟିନା ନିଜ ଅଧିନାୟକଙ୍କଠାରୁ ଏକ ଦମ୍‌ଦାର ପ୍ରଦର୍ଶନ ଆଶା କରିବ।

# ଅବସର ନେବେ କି ରୋହିତ ଶର୍ମା: ବିସିସିଆଇ ଦେଲା ବଡ଼ ବୟାନ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ରୋହିତ ଶର୍ମା ଲର୍ଡସ ଦିନିକିଆ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ଚର୍ଚ୍ଚା ହେଉଛି। ଏନେଇ ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, ରୋହିତ ଶର୍ମା ଲର୍ଡସରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ସମ୍ପର୍କରେ କୌଣସି ଆଲୋଚନା ହୋଇନାହିଁ। ତେଣୁ ରୋହିତ ଖେଳିବା ଜାରି ରଖିବେ। ତେବେ ଏଟି ପ୍ରଶ୍ନ ଉଠୁଛି, ରୋହିତଙ୍କ ଉପରେ ଏତେ ଚାପ କାହିଁକି ଦିଆଯାଉଛି ? ଲର୍ଡସରେ ସୀମିତ ଓଭର କ୍ରିକେଟରେ ରୋହିତ ଶର୍ମାଙ୍କ ରେକର୍ଡ ପ୍ରଭାବଶାଳୀ ହୋଇନାହିଁ। ସେଠାରେ ଖେଳାଯାଇଥିବା ଦୁଇଟି ଦିନିକିଆରେ, ସେ ମୋଟ ୧୫ ରନ କରିଥିଲେ।

କଥାରେ ଅଛି, ନିଆଁ ବିନା ଧୂଆଁ ନାହିଁ। ବିସିସିଆଇ ରୋହିତଙ୍କ ଅବସର ରିପୋର୍ଟକୁ ଅସ୍ୱୀକାର କରୁଥିବା ବେଳେ, ବୋର୍ଡ ସହିତ ଜଡିତ ବ୍ୟକ୍ତିମାନେ ଗଣମାଧ୍ୟମକୁ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି। ଏହା ପୂର୍ବରୁ ଫର୍ମରେ ଥିବା ରୋହିତଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି କରୁଛି। ଯଦି ସେ ଲର୍ଡସରେ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି, ତେବେ ଚୟନକର୍ତ୍ତାମାନଙ୍କୁ ତାଙ୍କୁ ବାଦ ଦେବାର ଆବଶ୍ୟକତା ମଧ୍ୟ ନ ପଡ଼ିପାରେ। ସେ ନିଜ ଇଚ୍ଛାରେ ଅବସର ନେବାକୁ ବାଛିପାରିବେ। ଯଦିଓ ରୋହିତ ୨୦୨୭ ବିଶ୍ୱକପ ପର୍ଯ୍ୟନ୍ତ ଖେଳିବାକୁ ଆକାଂକ୍ଷା କରନ୍ତି, ପରିସ୍ଥିତି ଦ୍ରୁତ ଗତିରେ ପରିବର୍ତ୍ତନ ହୋଇପାରେ।

ରୋହିତ ୨୦୨୬ରେ ୮ଟି ଦିନିକିଆ ଖେଳିଛନ୍ତି। କେବଳ ଗୋଟିଏ ଅର୍ଦ୍ଧଶତକ (ଆଫଗାନିସ୍ତାନ ବିପକ୍ଷ) କରିପାରିଛନ୍ତି। ୬ ଥର ସେ ୩୦ ରନ ସ୍କୋରରେ ପହଞ୍ଚିପାରି ନ ଥିଲେ। ତାଙ୍କର ଶେଷ ଶତକ ଗତ ବର୍ଷ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷରେ ଆସିଥିଲା। ଇଂଲଣ୍ଡ ବିପକ୍ଷରେ ଚାଲିଥିବା ସିରିଜର ପ୍ରଥମ ଦୁଇଟି ମ୍ୟାଚ ସମୟରେ ତାଙ୍କ ବ୍ୟାଟ ନୀରବ ରହିଥିଲା। ସେ ସଂଘର୍ଷ କରୁଥିବା ପରି ମନେ ହେଉଥିଲା ଏବଂ ଏହା ସ୍ପଷ୍ଟ ଥିଲା ଯେ, ସେ ଚାପରେ ଖେଳୁଥିଲେ। ପ୍ରଥମ ଦିନିକିଆରେ, ସେ ୧୧ ରନ କରିବା ପାଇଁ ୨୧ ବଲ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ସେ ୪୭ ବଲରୁ ୨୬ ରନ କରିଥିଲେ। ଏହା ତାଙ୍କର ସାଧାରଣ ବ୍ୟାଟିଂ ଶୈଳୀ ସହିତ ମେଳ ଖାଉନାହିଁ।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ ଦିନିକିଆ ସିରିଜ ନିର୍ଣ୍ଣାୟକ ଜୁଲାଇ ୧୯ରେ ଅନୁଷ୍ଠିତ ହେବ। ଟିମ ଇଣ୍ଡିଆ ସିରିଜର ପ୍ରଥମ ମ୍ୟାଚ ଜିତିଥିଲା। ଇଂଲଣ୍ଡ ଦ୍ୱିତୀୟ ମ୍ୟାଚ ଜିତିଥିଲା। ଏହି ତୃତୀୟ ମ୍ୟାଚର ବିଜେତା ସିରିଜ କବଜା କରିବ।

# ଫେରିବେ କେଏଲ ରାହୁଲ, କୁଲଦୀପ ଯାଦବ



**ନୂଆଦିଲ୍ଲୀ**

ରବିବାର ଲର୍ଡସରେ ହେବାକୁ ଥିବା ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ ଏବଂ ଅନ୍ତିମ ଦିନିକିଆ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ହେବାକୁ ଯାଉଛି। ସିରିଜ ବର୍ତ୍ତମାନ ୧–୧ ସମାନ ସ୍ତରରେ ଅଛି, ଅର୍ଥାତ ଏହି ମ୍ୟାଚର ବିଜେତା ସିରିଜ କବଜା କରିବ। ଟି-୨୦ ସିରିଜରେ ପରାଜୟ ବରଣ କରିବା ପରେ, ଭାରତ ଓଡ଼ିଆଇ ସିରିଜ ମଧ୍ୟ ହାରିବାରୁ ବଞ୍ଚିବାକୁ ଆଗ୍ରହୀ ହେବ। ଫଳରେ, ଅଧିନାୟକ ଶୁବମନ ଗିଲ ଏବଂ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିବ।

ସମସ୍ତଙ୍କ ନଜର ଏହି ମ୍ୟାଚ ଉପରେ ମଧ୍ୟ ରହିଛି କାରଣ ଏହା ଅନୁମାନ କରାଯାଉଛି ଯେ ଏହା ରୋହିତ ଶର୍ମାଙ୍କ କ୍ୟାରିୟରର ଶେଷ ମ୍ୟାଚ ହୋଇପାରେ। ଯଦିଓ ବିସିସିଆଇ ସଚିବ ଏହାକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଛନ୍ତି, ଏହି ଅନୁମାନର ଅର୍ଥ ହେଉଛି ଯେ ମ୍ୟାଚ ଶେଷ ନହେବା ପର୍ଯ୍ୟନ୍ତ ପ୍ରଶଂସକମାନେ ଆରାମ ପାଇବେ ନାହିଁ। ଏହା ପରେ କ'ଣ ନିଷ୍ପତ୍ତି ଆସେ ତାହା ଦେଖିବାକୁ ବାକି ଅଛି।

କାର୍ଡିଫ୍ରେର ଦ୍ୱିତୀୟ ଦିନିକିଆ ସମୟରେ ଭାରତକୁ ପରିବର୍ତ୍ତନ କରିବାକୁ ବାଧ୍ୟ କରାଯାଇଥିଲା; କେଏଲ ରାହୁଲ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ଇଶାନ କିଶାନ ପାଦ ଦେଇଥିଲେ। ଯଦି ରାହୁଲ ସୁସ୍ଥ ହୋଇଯାଆନ୍ତି, ତେବେ ତାଙ୍କର ସାମିଲ ହେବା ନିଶ୍ଚିତ, ଅର୍ଥାତ ଇଶାନ ବାହାରେ ବସିବା ସମ୍ଭାବନା ଅଛି। ବ୍ୟାଟିଂ ଲାଇନଅପରେ ଅନ୍ୟ କୌଣସି ପରିବର୍ତ୍ତନ ଆଶା କରାଯାଉନାହିଁ। ରୋହିତ ଏବଂ ଗିଲ ଓପନିଂ କରିବା ନିଶ୍ଚିତ ହୋଇଛି, ଫର୍ମରେ ଥିବା ବିରାଟ କୋହଲି ତୃତୀୟ ସ୍ଥାନରେ ରହିବେ, ତାଙ୍କ ପରେ ଶ୍ରେୟସ ଆୟର ଅଛନ୍ତି। ପରବର୍ତ୍ତୀ ତିନୋଟି ବ୍ୟାଟିଂ ପୋଜିସନ ରାହୁଲ, ଅକ୍ଷର ପଟେଲ ଏବଂ ଶିବମ ଦୁବେଙ୍କ ମଧ୍ୟରେ ଏପାଖ ସେପାଖ ହେବାର ସମ୍ଭାବନା ଅଛି।

ଅନ୍ତିମ ମ୍ୟାଚ ପାଇଁ, ଗିଲ ପ୍ରସିଦ୍ଧ ସ୍ପିନର କୁଲଦୀପ ଯାଦବଙ୍କୁ ଆଣିପାରନ୍ତି। ଦଳ କୁଲଦୀପଙ୍କ ଅନୁପସ୍ଥିତି ଅନୁଭବ କରିଛି, ଯିଏ ମଧ୍ୟ ଓଭରଗୁଡ଼ିକରେ ୱିକେଟ ନେବା ଏବଂ ରନ ସୀମିତ କରିବାରେ ପାରଙ୍ଗମ। ଏପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଖେଳିଥିବା ୱାଶିଂଟନ ସୁନ୍ଦର ବ୍ୟାଟ କିମ୍ବା ବଲ ସହିତ ପ୍ରଭାବିତ କରିବାରେ ବିଫଳ ହୋଇଛନ୍ତି; ପ୍ରକୃତରେ, ତାଙ୍କୁ ଦ୍ୱିତୀୟ ମ୍ୟାଚରେ ଗୋଟିଏ ବି ଓଭର ଦିଆଯାଇ ନଥିଲା। କୁଲଦୀପଙ୍କୁ ଆଣିବା ବ୍ୟାଟିଂ ଗଭୀରତାକୁ ହ୍ରାସ କରିପାରେ, କିନ୍ତୁ ଏହା ନିଃସନ୍ଦେହରେ ବୋଲିଂ ଆକ୍ରମଣକୁ ବାସ୍ତବରେ ମଜଭୁତ କରିବ।

# ରୋହିତ ଶର୍ମାଙ୍କ ସହିତ ବିରାଟ କୋହଲିଙ୍କୁ ନେଇ ବିବାଦୀୟ ବୟାନ ଦେଲା ପାକିସ୍ତାନ

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ବର୍ତ୍ତମାନ ତିନି ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରିଜ ଚାଲିଛି। କାର୍ଡିଫରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ସମୟରେ, ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଦାବି କରାଯାଇଛି ଯେ ଲର୍ଡସରେ ତୃତୀୟ ଏକଦିବସୀୟ ମ୍ୟାଚ ରୋହିତଙ୍କ ଶେଷ ମ୍ୟାଚ ହୋଇପାରେ। ତଥାପି, ବିସିସିଆଇ ସଚିବ ସ୍ପଷ୍ଟ କରିଛନ୍ତି ଯେ ଏହା ଭୁଲ ଏବଂ ଲର୍ଡସ ମ୍ୟାଚ ରୋହିତଙ୍କ ଶେଷ ଏକଦିବସୀୟ ହେବ ନାହିଁ। ବର୍ତ୍ତମାନ, ପୂର୍ବତନ ପାକିସ୍ତାନୀ କ୍ରିକେଟର ବାସିତ ଅଲି ମଧ୍ୟ ରୋହିତ ଶର୍ମାଙ୍କ ଅବସର ସମ୍ପର୍କରେ ମତ ରଖିଛନ୍ତି, ମତ ଦେଇଛନ୍ତି ଯେ ବିରାଟ ମଧ୍ୟ ତାଙ୍କ ସହିତ ଅବସର ନେଇପାରନ୍ତି।




ଭାରତୀୟ ଷ୍ଟାର କ୍ରିକେଟର ରୋହିତ ଶର୍ମାଙ୍କ ଅବସର ନେଇ କଳ୍ପନାଜଳ୍ପନା ଏବେ ପାକିସ୍ତାନରେ ପହଞ୍ଚିଛି। ପୂର୍ବତନ ପାକିସ୍ତାନୀ କ୍ରିକେଟର ବାସିତ ଅଲି ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ଏହି ପ୍ରସଙ୍ଗକୁ ସମ୍ବୋଧିତ କରି କହିଛନ୍ତି ଯେ ରୋହିତ ଶର୍ମା ଯେପର୍ଯ୍ୟନ୍ତ ତାଙ୍କ ପ୍ରଦର୍ଶନ ଦଳରେ ସ୍ଥାନ ପାଇବାକୁ ଚାହାଁନ୍ତି ସେପର୍ଯ୍ୟନ୍ତ ଖେଳିବା ଉଚିତ; ତାଙ୍କୁ କେବଳ ସାମ୍ପ୍ରତିକ ଖରାପ ଫଳାଫଳ ଉପରେ ବିଚାର କରାଯିବା ଉଚିତ ନୁହେଁ।

ସତର୍କତାମୂଳକ ସ୍ୱରରେ ବାସିତ ଅଲି କହିଛନ୍ତି, 'ଯଦି ସେ ସ୍ଥିର ପ୍ରଦର୍ଶନ କରୁଛନ୍ତି, ତେବେ ସେ ଖେଳିବା ଉଚିତ। ବର୍ତ୍ତମାନ, ଯଦି ଆପଣ କେବଳ ଦୁଇଟି ଇଂଲଣ୍ଡ ମ୍ୟାଚ କିମ୍ବା ଗୌତମ ଗମ୍ଭୀରଙ୍କ ପସନ୍ଦ ଉପରେ ଆଧାର କରି ତାଙ୍କୁ ବିଚାର କରିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ବିରାଟ କୋହଲିଙ୍କୁ ମଧ୍ୟ ବିଚାର କରିବାକୁ ପଡିବ।'

୨୦୨୫ ମସିହାରେ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ ଏବଂ ବିରାଟ କୋହଲି ଏହାର କିଛି ସମୟ ପରେ ଏହି ଫର୍ମାଟକୁ ବିଦାୟ ଦେଇଥିଲେ। ଫଳସ୍ୱରୂପ, ବାସିତ ଅଲି ବିଶ୍ୱାସ କରନ୍ତି ଯେ ଯଦି ରୋହିତ ଅବସର ନେବାକୁ ନିଷ୍ପତ୍ତି ନିଅନ୍ତି, ତେବେ ବିରାଟ କୋହଲି ମଧ୍ୟ ତାଙ୍କର ଅବସର ଘୋଷଣା କରିପାରନ୍ତି।

ବାସିତ ଅଲି ଆହୁରି ମଧ୍ୟ କହିଛନ୍ତି, 'ଯଦି ଆଜି ରୋହିତଙ୍କ ପାଳି ଅଛି, ତେବେ ପରବର୍ତ୍ତୀ ସମୟରେ ବିରାଟଙ୍କ ପାଳି ହୋଇପାରେ। ବିରାଟ ଟେଷ୍ଟରୁ ଅବସର ନେବାର ଉପାୟକୁ ଦୃଷ୍ଟିରେ ରଖି, ଉଭୟ ଖେଳାଳି ଲର୍ଡସରେ ଏକାଠି ସେମାନଙ୍କର ଅବସର ଘୋଷଣା କରିବାର ଏକ ଦୃଢ଼ ସମ୍ଭାବନା ଅଛି।'

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଏକଦିବସୀୟ ସିରିଜ ମଧ୍ୟରେ ରୋହିତ ଶର୍ମାଙ୍କ ଅବସର ସମ୍ପର୍କରେ ରିପୋର୍ଟ ଆଲୋଡ଼ନ ସୃଷ୍ଟି କରିଛି। ରିପୋର୍ଟ ପ୍ରକାଶ ପାଇଛି ଯେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ସିରିଜ ଶେଷ ହେବା ପରେ ରୋହିତ ଶର୍ମା ଟିମ ଇଣ୍ଡିଆର ଭବିଷ୍ୟତ ଯୋଜନାର ଅଂଶ ହେବେ ନାହିଁ। ଗତ ସପ୍ତାହରେ, ଟିମ ଇଣ୍ଡିଆର ଚୟନକର୍ତ୍ତାମାନେ, ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସହିତ, ରୋହିତ ଶର୍ମାଙ୍କ ସହ କଥା ହୋଇ ଆଗକୁ ରୋଡମ୍ୟାପ ରୂପରେଖା ପ୍ରସ୍ତୁତ କରିଥିଲେ। ଏହା ସୂଚିତ କରେ ଯେ ଚୟନ କମିଟି ୨୦୨୭ ଏକଦିବସୀୟ ବିଶ୍ୱକପ ପାଇଁ ଶର୍ମାଙ୍କୁ ଦଳରେ ସାମିଲ କରିବା ବିଷୟରେ ବିଚାର କରୁନାହିଁ।

ତଥାପି, ବିସିସିଆଇ ଏହି ପ୍ରସଙ୍ଗରେ ନୀରବତା ଭାଙ୍ଗି କହିଛି ଯେ ଲର୍ଡସର ଏକଦିବସୀୟ ମ୍ୟାଚ ରୋହିତଙ୍କ ଶେଷ ମ୍ୟାଚ ହେବ ନାହିଁ। ପିଟିଆଇ ସହିତ କଥାବାର୍ତ୍ତା ସମୟରେ ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, 'ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଗଣମାଧ୍ୟମରେ ବହୁତ କଳ୍ପନାଜଳ୍ପନା ଚାଲିଛି। ମୁଁ ଜୋର ଦେଇ କହିବାକୁ ଚାହୁଁଛି ଯେ ରବିବାର ଲର୍ଡସରେ ରୋହିତଙ୍କ ଶେଷ ମ୍ୟାଚ ଖେଳିବା ବିଷୟରେ କୌଣସି ଆଲୋଚନା ନାହିଁ। ରୋହିତ ଭାରତୀୟ ଏକଦିବସୀୟ ଦଳର ଜଣେ ନିୟମିତ ସଦସ୍ୟ, ଏବଂ ଯେପର୍ଯ୍ୟନ୍ତ ସେ ଦଳର ଯୋଜନାର ଅଂଶ ରହିବେ, ସେପର୍ଯ୍ୟନ୍ତ ସେ ଦେଶ ପାଇଁ ଖେଳିବେ। ଅନ୍ୟ ଶବ୍ଦରେ, ଲର୍ଡସ ଏକଦିବସୀୟ ତାଙ୍କର ଶେଷ ମ୍ୟାଚ ନୁହେଁ।'

# ଓକିଲଙ୍କୁ ଦୁର୍ବ୍ୟବହାର ନେଇ ଓକିଲ ସଂଘର ନିନ୍ଦା ଓ ସ୍ମାରକପତ୍ର ପ୍ରଦାନ

**ରାୟଗଡା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡା ତହସିଲଦାର ଗତ ୮ ତାରିଖରେ ରାୟଗଡା ଓକିଲ ସଂଘର ଯୁବ ଆଇନଜୀବୀ ପି ନାଗରାଜୁ ନିଜ କ୍ଲାଇଣ୍ଟର ଘର ପଟା ବାବଦରେ କିଛିଟା ସଂଶୋଧନ ପାଇଁ ତହସିଲଦାରଙ୍କ ସହ ସାକ୍ଷାତ କରିବା ପାଇଁ ଯାଇ ଥିଲେ, ଉକ୍ତ ଓକିଲଙ୍କ ସହ ତହସିଲଦାର ମଧ୍ୟରେ କଣ ଆଲୋଚନା ହେଲା ତାହା ଉକ୍ତ ଓକିଲ ଓ ତହସିଲଦାର ମଧ୍ୟରେ ଅଫିସ ଭିତରେ କଣ ହେଲା କିନ୍ତୁ ଓକିଲଙ୍କ କିଛି କଟୁ ମନ୍ତବ୍ୟ ପାଇଁ ତହସିଲଦାର ମାଡାମ ବିରକ୍ତ ହୋଇ ଅଫିସରୁ ବାହାରି ଯିବା ପାଇଁ କହିଥିଲେ, ଯଦି ଆପଣ ମୋ ଅଫିସରୁ ବାହାରକୁ ନ ଯାନ୍ତି ତେବେ ମୁଁ ପୋଲିସକୁ ଡାକିବି କହି ଥିଲେ, ଉକ୍ତ ଯୁବ ଓକିଲ ଏ ସମସ୍ତ ଦୁର୍ବ୍ୟବହାର ବିଷୟକୁ ରାୟଗଡା ଓକିଲ ସଂଘ ସଭାପତି ବ୍ରଜ ସୁନ୍ଦର ନାୟକଙ୍କୁ ଅବଗତ କରାଇବା ପରେ ରାୟଗଡା ଓକିଲ ସଂଘର ସମସ୍ତ ସଦସ୍ୟ ସରକାରୀ କର୍ମଚାରୀ ଗୋଟିଏ ଶିକ୍ଷିତ ହୋଇ ଏକ ଓକିଲଙ୍କୁ ଏପରି ବ୍ୟବହାର ପାଇଁ ବୁଦ୍ଧିଜୀବୀ ମହଲରେ ଓ ଓକିଲ ସଂଘ ତରଫରୁ ନିନ୍ଦା କରିବା ସହ ଏକ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ଭେଟି ଦେଇ ଥିବା ଦେଖିବାକୁ ମିଳିଛି, ଏକ ସରକାରୀ କର୍ମଚାରୀ ଲୋକଙ୍କ ସେବା ପାଇଁ ନିଯୁକ୍ତି ପାଇଛନ୍ତି ନା ଲୋକଙ୍କୁ ନାଲି ଆଖି ଦେଖାଇ ପୋଲିସର ଡର ଦେଖାଇବା ପାଇଁ ନିଯୁକ୍ତି ପାଇଛନ୍ତି ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତହସିଲଦାରଙ୍କ ଏପରି ଦୁର୍ବ୍ୟବହାର ପାଇଁ ଜିଲ୍ଲା ପ୍ରଶାସନ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଓକିଲ ସଂଘ ଦାବି ରଖିଛନ୍ତି, ତା ସାଙ୍ଗକୁ ରାୟଗଡା ଜିଲ୍ଲା କୋର୍ଟରେ ଷ୍ଟାମ୍ପ ଓ ଷ୍ଟାମ୍ପ ଭେଣ୍ଡରଙ୍କ ଅନୁପସ୍ଥିତ ଓ କମ ସଂଖ୍ୟକ ଷ୍ଟାମ୍ପ ଭେଣ୍ଡର ଥିବା ଯୋଗୁଁ କୋର୍ଟ ଷ୍ଟାମ୍ପ ମିଳୁ ନଥିବାରୁ ଜିଲ୍ଲା ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଷ୍ଟାମ୍ପ ଅଭାବ ଆଜି କାଲିର ଘଟଣା ନାହିଁ ଦୀର୍ଘ ୧ବର୍ଷ ହେବ ଏ ସମସ୍ୟା ଲାଗି ରାଗିଛି, ବାରମ୍ବାର ଅତିରିକ୍ତ ଜିଲ୍ଲାପାଳ ରେଭିନ୍ୟୁଙ୍କୁ ଜଣାଇ ଆସୁଛନ୍ତି । କିନ୍ତୁ କିଛି ବି କାର୍ଯ୍ୟକାରୀ ହେଉ ନାହିଁ। ଏ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଓକିଲ ସଂଘର ଶେଷ ଅନୁରୋଧ ଯଦି ଏହାର ସମାଧାନ ତୁରନ୍ତ କାର୍ଯ୍ୟକାରୀ ନ କରନ୍ତି ତେବେ ଓକିଲ ସଙ୍ଘ ରାଜରାସ୍ତାକୁ ଓହ୍ଲାଇବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଓକିଲଙ୍କ ମଧ୍ୟରେ ଚର୍ଚ୍ଚା ହେଉ ଥିବା ଶୁଣିବାକୁ ମିଳିଛି।

# ନିଟ୍ ଫଳ ପ୍ରକାଶ ପରେ ଛାତ୍ରୀଙ୍କ ଆତ୍ମହତ୍ୟା !

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ନ୍ୟାସନାଲ୍ ଏଲିଜିବିଲିଟି କମ୍ ଏନ୍‌ଟ୍ରାନ୍ସ ଟେଷ୍ଟ୍ ଫଳ ପ୍ରକାଶ ପରେ ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ଅଞ୍ଚଳର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ନିଟ୍ ଫଳପ୍ରକାଶ ପରେ ସେ ମାନସିକ ଦୁଶ୍ଚିନ୍ତାରେ ଥିଲେ । ପରିବାର ଲୋକ ବୁଝାସୁଝା କରିବା ପରେ ସେ ଶୋଇବାକୁ ଯାଇଥିଲେ । ଆଜି ସକାଳୁ ବେଡ୍ ରୁମ୍‌ରୁ ତାଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି । ପରିବାର ଲୋକଙ୍କ କହିବା ପରେ ନିଟ୍ ପରୀକ୍ଷାରେ ତାଙ୍କର ୬୪୦ ମାର୍କ ଆସିବ ବୋଲି ଆଶା ରଖିଥିଲେ । କିନ୍ତୁ ବହୁତ କମ୍ ମାର୍କ ଆସିବାରୁ ସେ ଆତ୍ମହତ୍ୟା କରିଛନ୍ତି । ଗୋଳନ୍ଥରା ଥାନା ପୋଲିସ ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌କୁ ପଠାଯାଇଛି । ଏକମାତ୍ର ଝିଅକୁ ହରାଇ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି । ଘରେ ଶୋକର ବାତାବରଣ ଖେଳିଯାଇଛି । ନିଜକୁ ସମ୍ଭାଳି ପାରୁନାହାନ୍ତି ବାପା-ମାଆ ଓ ପରିବାର ବର୍ଗ । ହଳଦିଆପଦର ଅଞ୍ଚଳର ଛାତ୍ରୀ ଯୁକ୍ତ ଦୁଇରେ ଭଲ ନମ୍ବର ରଖି ପାସ କରିଥିଲେ । ଡ଼ାକ୍ତର ହେବାକୁ ତାଙ୍କର ସ୍ୱପ୍ନ ଥିଲା । ସେଥିପାଇଁ ସେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ପାଠ ପଢ଼ାରେ ସେ ଆଗରେ ରହୁଥିଲେ । ପୂର୍ବରୁ ନିଟ୍ ଦେଇଥିଲେ । ସେତେବେଳେ ବି ସେ ଖୁସିରେ ଥିଲେ । ପରୀକ୍ଷା ବାତିଲପରେ ପୁଣି ପରୀକ୍ଷା ଦେଲେ । ବର୍ତ୍ତମାନ ୬୪୦ ନମ୍ବର ମାର୍କ ଆସିବ ବୋଲି ଆଶା କରୁଥିଲେ । ତେବେ ଦିନରେ ବାପା-ମାଆଙ୍କ ସହିତ ଏକ ଘର ପ୍ରତିଷ୍ଠା ଭୋଜିକୁ ଯାଇଥିଲେ । ରେଜଲ୍ଟ ବାହାରିବ ବୋଲି ଖୁସିରେ ଥିଲେ । ସନ୍ଧ୍ୟାରେ ପରୀକ୍ଷା ଫଳ ପ୍ରକାଶ ପରେ ନିଜର ର୍‍ୟାଙ୍କ୍ ଦେଖି ଆଉ ସମ୍ଭାଳି ପାରିନଥିଲେ । ଘର ଲୋକଙ୍କୁ ଜଣାଇବା ସହ କାନ୍ଦିଥିଲେ । ପରିବାର ଲୋକେ ତାଙ୍କୁ ବୁଝାଇଥିଲେ । ପରୀକ୍ଷା ଫଳକୁ ନେଇ କିଛି ଚିନ୍ତା ନ କରିବାକୁ କହିଲେ । ରାତି ୧୨ଟାରେ ଛାତ୍ରୀ ନିଜ ବେଡ୍ ରୁମ୍‌କୁ ଶୋଇବାକୁ ଯାଇଥିଲେ । ସକାଳେ ସେ କବାଟ ନ ଖୋଲିବାରୁ ମାଆ ତାଙ୍କୁ ଫୋନ୍ କଲେ। ପରେ କବାଟ ବାଡ଼େଇଥିଲେ । କବାଟ ଭାଙ୍ଗି ଦେଖିବା ବେଳେ ଚୁନିରେ ଫାଶି ଲଗାଇ ଝୁଲିଥିଲେ ।

ଭୁବନେଶ୍ୱର, ୧୯ ଜୁଲାଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାଆଡମ୍ବରରେ ସରିଲା ରଥଟଣା

## ଅଢ଼େଇ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ

**ବାରିପଦା, ୧୮/୦୭**
**ନ୍ୟୁଜ ବ୍ୟୁରୋ**

ଶନିବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ସମାପନ ହୋଇଛି ଘୋଷଯାତ୍ରା। ପରମ୍ପରା ଅନୁସାରେ ଦୁଇଦିନ ଧରି ହେଉଥିବା ଏହି ପ୍ରସିଦ୍ଧ ଯାତ୍ରାରେ ପ୍ରାୟ ଅଢ଼େଇ ଲକ୍ଷ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ସମଗ୍ର ବଡ଼ଦାଣ୍ଡ ଶନିବାର ଜଗାମୟ ହୋଇଥିବା ବେଳେ ପ୍ରବଳ ଗରମ ରେ ମଧ୍ୟ ଭକ୍ତ ତାଙ୍କ କାଳିଆ ଠାକୁର ଙ୍କୁ ଗୁଣ୍ଡିଚା ମନ୍ଦିର ଯାଏଁ ଟାଣି ନେଇଛନ୍ତି। ଶୁକ୍ରବାର ଲକ୍ଷାଧିକ ଭକ୍ତଙ୍କ ଗ୍ରହଣରେ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା ପ୍ରଥମ ଦିନର ରଥଟଣା। ପରମ୍ପରା ଅନୁସାରେ ଶୁକ୍ରବାର ଅଧା ରଥଟଣା ସମାପ୍ତ ହୋଇଥିବା ବେଳେ, ଶନିବାର ଅପରାହ୍ନ ୨ଟା ୩୦ ମିନିଟରେ ପୁଣିଥରେ ରଥଟଣା ଆରମ୍ଭ ହୋଇଥିଲା। ଏଥିପାଇଁ ସମଗ୍ର ବଡ଼ଦାଣ୍ଡ ଭକ୍ତିମୟ ଓ ଉତ୍ସବମୁଖର ହୋଇ ଉଠିଥିଲା। ପ୍ରଥମେ ଅଧାବାଟରେ ଥିବା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟାଉନଥାନା ସମ୍ମୁଖରୁ ମହିଳା ମାନେ ମହାନନ୍ଦ ରେ ଟାଣିନେଇ ଗୁଣ୍ଡିଚା ଘରେ ପହଞ୍ଚିଥିଲେ। ସେତେବେଳକୁ ସିଂହଦ୍ୱାର ରେ ରଥାରୂଢ଼ ହୋଇ ଦର୍ଶନ ଦେବା ସହିତ ଭକ୍ତଙ୍କୁ ଅପେକ୍ଷା କରି ରହିଥିଲେ ମହାପ୍ରଭୁ। ଅପରାହ୍ନ ପ୍ରାୟ ୪.୩୦ ସମୟରେ ଭକ୍ତଙ୍କ ଜନସମୁଦ୍ର ସାଙ୍ଗକୁ ଘଣ୍ଟ ଘଣ୍ଟା, ବାଜା ତୁରୀ ଓ ଜୟ ଜଗନ୍ନାଥ ଧ୍ୱନି ସହିତ ୧୬ ଚକର ଘର୍ଘର ନାଦ ରୁ ଆରମ୍ଭ ହୋଇଥିଲା ନନ୍ଦିଘୋଷ ଙ୍କ ଯାତ୍ରା। ଲକ୍ଷାଧିକ ଭକ୍ତ ଙ୍କ ଶତଚେଷ୍ଟା ପରେ ବି ନିଜ ଇଚ୍ଛାରେ ଅଟକି ଅଟକି ଚାଲିଥିଲେ ମନୁଆ ଠାକୁର। ଏଭଳି ଏକ ଆଧ୍ୟାତ୍ମିକ ଓ ଆଲୌକିକ ଲୀଳାରେ ନିଜକୁ ସାମିଲ କରିବା ହିଁ ସବୁଠାରୁ ବଡ଼ ଭାଗ୍ୟ ଆବେଗର ସହିତ ବୋଲି କହିଛନ୍ତି ଭକ୍ତ। ସ୍ଥାନୀୟ କଳାକାରଙ୍କ ଦ୍ୱାରା କାଳିଆ ଠାକୁର ନର୍ତ୍ତକ ବେଶରେ ଦେବଦାସୀ ମାନଙ୍କ ସହିତ ନୃତ୍ୟ କରି ରଥ ଆଗେ ଆଗେ ନୃତ୍ୟ ଦୃଶ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଏଭଳି ବେଶ ଧରି ପ୍ରଭୁଙ୍କ ଆଗରେ ନାଚିବା ସେହି ମହାପ୍ରଭୁ ଙ୍କ ଇଚ୍ଛା ବୋଲି ଭକ୍ତିର ସହିତ କହିଛନ୍ତି ନର୍ତ୍ତକୀ।

## ଶ୍ରୀମନ୍ଦିରରେ ପ୍ରବେଶ କଲେ ଏଏସ୍‌ଆଇ ଟିମ୍

# ମୁଖ୍ୟ ପ୍ରଶାସକଙ୍କ ସହ ଗର୍ଭଗୃହ, ନାଟ ଓ ଭୋଗ ମଣ୍ଡପର ମରାମତି କାର୍ଯ୍ୟ ନେଇ ଆଲୋଚନା

**ପୁରୀ ୧୮ ।୭ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଏଏସଆଇ ଟିମ୍। ରତ୍ନସିଂହାସନ ଛାଡ଼ି ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯାଇଛନ୍ତି ମହାପ୍ରଭୁ। ଏଣୁ ଏହି ସମୟରେ ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ସହିତ ଭୋଗ ମଣ୍ଡପର ସଂରକ୍ଷଣ କାର୍ଯ୍ୟ କରାଯିବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ପରେ ଏଏସଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନର ବୈଷୟିକ ଟିମ୍ ଶ୍ରୀମନ୍ଦିର ଭିତରକୁ ଯାଇ ଅନୁଧ୍ୟାନ



କରିଛନ୍ତି। ସେଣ୍ଟ୍ରାଲ ବିଲ୍‌ଡିଙ୍ଗ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ମାଡ୍ରାସ ଆଇଆଇଟି ପକ୍ଷରୁ ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ସହ ଭୋଗ ମଣ୍ଡପର ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯାଉଛି। ସେହିପରି ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବ। ଏଥିପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ସେହିପରି ରବିବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ। ମହାପ୍ରଭୁଙ୍କ ରାହୁ ରେଖା, ଝୋବା, ସୁନା ଚିତା, ରୂପା ରସିକ ସୁରା ଅଣ୍ଠିଆର ଗଣତି ମଣତି କାର୍ଯ୍ୟ ସହିତ ଥ୍ରୀଡି ସ୍କାନିଂ କରାଯିବ। ସେହିପରି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଆଡ଼ପ ବିଜେ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସନ୍ଧ୍ୟାରେ ଠାକୁରଙ୍କ ଆଡ଼ପ ପହଣ୍ଡି ଥିବାରୁ ଗୁଣ୍ଡିଚା ମନ୍ଦିର ଠାରେ ଶୁକ୍ରବାର ରାତିରେ ଏବଂ ଶନିବାର ସକାଳୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି । ଏଣୁ ପ୍ରଶାସନର ସମସ୍ତ ନିୟମ ମାନି ଅଗଣିତ ଭକ୍ତ, ଶ୍ରଦ୍ଧାଳୁ ମହାପ୍ରଭୁଙ୍କର ଦର୍ଶନ ଓ କୃପା ଲାଭ କରନ୍ତୁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ରବିବାର ଆଡ଼ପ ଅବଢ଼ା ବାହାରିବ। ଏଣୁ ସୁଆର ମହାସୁଆର ନିଯୋଗ ଏବଂ ଅନ୍ୟାନ୍ୟ ସେବାୟତ ନିଯୋଗ ସହିତ ଉତ୍ତମ ସମନ୍ୱୟ ରଖାଯାଇଛି। ଚୁଲି ଭଙ୍ଗା ଘଟଣାରେ ପ୍ରତିକ୍ରିୟା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଏନେଇ କୌଣସି ଅଭିଯୋଗ ଆସିନାହିଁ। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ହେଲେ ପ୍ରଶାସନ ଏହାର ସମାଧାନ କରିବ।

## ଏସଆଇଆରରେ ଭୋଟରଙ୍କ ନାମ ହଟିବା ମାମଲା

# ପଶ୍ଚିମବଙ୍ଗ ସରକାର ଓ ନିର୍ବାଚନଆୟୋଗଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୮/୦୭**

ଏକ ଜନସ୍ୱାର୍ଥ ମାମଲାରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାର ଓ ନିର୍ବାଚନ ଆୟୋଗଙ୍କୁ ଜବାବ ତଲବ କରିଛନ୍ତି। ଏହି ଜନସ୍ୱାର୍ଥ ମାମଲାରେ ରାଜ୍ୟରେ ଭୋଟରଲିଷ୍ଟ ସଘନ ପୁନରୀକ୍ଷଣ (ଏସଆଇଆର) କାଳରେ ହଟିଥିବା ଭୋଟର ଓ ରୁଜୁ ହୋଇଥିବା ଦାବି, ଆପତ୍ତିର ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସାରେ ସାର୍ବଜନିକ କରିବାକୁ ଦାବି କରାଯାଇଛି। ଏହି ଜନସ୍ୱାର୍ଥ ମାମଲା ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ ଏସଆଇଆର କମିଟି ଚେୟାରମ୍ୟାନ ପ୍ରସେନଜିତ ବୋଷ ରୁଜୁ କରିଛନ୍ତି। ଏହି ଆବେଦନର ଶୁଣାଣି ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟା ବାଗଚୀ ଓ ଜଷ୍ଟିସ୍ ଭି.ମୋହନାଙ୍କ ବେଞ୍ଚରେ ହୋଇଛି। ଓକିଲ ନେହା ରାଠୀଙ୍କ ଦ୍ୱାରା ରୁଜୁ ପିଟିସନରେ ପଶ୍ଚିମବଙ୍ଗ ଏସଆଇଆର ସମ୍ପର୍କିତ ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସାରେ ତଥ୍ୟ ମଗା ଯାଇଛି। ଏଥିରେ ଫର୍ମ ୬ ଓ ୭ (ରୁଜୁ, ସ୍ୱୀକାର ଓ ଖାରଜ)ର ସଂଖ୍ୟା ଓ ଅପିଲୀୟ ଟ୍ରିବ୍ୟୁନାଲରେ ଲମ୍ବିତ ଅପିଲ ଓ ଏହାର ସମାଧାନ ସମ୍ପର୍କରେ ସୂଚନା ମଗା ଯାଇଛି। ଶ୍ରୀ ବୋଷଙ୍କ ପକ୍ଷରୁ ହାଜର ବରିଷ୍ଠ ଓକିଲ ଗୋପାଳ ଶଙ୍କର ନାରାୟଣନ କହିଛନ୍ତି ଯେ, ହଟା ଯାଇଥିବା ଭୋଟରଙ୍କ ଦାବି ଓ ଆପତ୍ତି ଲାଗି ଗଠିତ ୧୮ ଟ୍ରିବ୍ୟୁନାଲ ଯେଉଁଭଳି କାମ କରୁଛନ୍ତି ସେଥିରେ ବ୍ୟବହାରିକ ସ୍ତରରେ ତ୍ରୁଟି ବଢୁଥିବା ବେଳେ ବିଳମ୍ବ ମଧ୍ୟ ହେଉଛି। ବେଞ୍ଚ ବିହାର ଏସଆଇଆର ଦିଆଯାଇଥିବା ରାୟର ଉଲ୍ଲେଖ କରି କହିଛନ୍ତି ଯେ 'ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ ଏହା ଯେ ଯେବେ କୌଣସି ଟ୍ରିବ୍ୟୁନାଲ ଏହା କହେ ଯେ କୌଣସି ବ୍ୟକ୍ତି ଏସଆଇଆର ଲିଷ୍ଟରେ ରହି ପାରିବେନି, ତେବେ ଇସିଙ୍କୁ



ନାଗରିକତା ଅଧିନିୟମ ଅନୁସାରେ ତାଙ୍କ ନାଗରିକତା ନିର୍ଦ୍ଧାରଣ ଲାଗି ମାମଲାକୁ କେନ୍ଦ୍ରୀୟ ମନ୍ତ୍ରଣାଳୟକୁ ପଠାଇବାକୁ ହେବ'। ବେଞ୍ଚ କହିଛନ୍ତି ଯେ ନାଗରିକତା ସମ୍ପର୍କରେ ନିଷ୍ପତ୍ତି ନେବାକୁ ନିର୍ବାଚନ ଆୟୋଗ ସାମ୍ବିଧାନିକ ଅଥରିଟି ନୁହନ୍ତି। କେବଳ ଭୋଟର ଲିଷ୍ଟ ଉପରେ ନିୟନ୍ତ୍ରଣ ଓ ଦେଖାରେଖା ନିର୍ବାଚନ ଆୟୋଗଙ୍କ କାମ। ବରିଷ୍ଠ ଓକିଲ କହିଛନ୍ତି ଯେ ୩୩.୫ ଲକ୍ଷ ଆବେଦନ ଏବେବି ଲମ୍ବିତ ରହିଛି। ସେହିପରି ଯେଉଁ କ୍ଲେମର ସମାଧାନ ହୋଇଛି ସେଥିରୁ ୭୦ ପ୍ରତିଶତ ଦାବି ସ୍ୱୀକାର କରାଯାଇଛି। ଓକିଲ କହିଛନ୍ତି ଯେ ଏଥି ପାଇଁ ଲୋକଙ୍କୁ ପିଡିଏସ୍ ଓ ଅନ୍ୟ ଯୋଜନାରୁ ବାହାରେ ରଖାଯାଇଛି। ଏସଆଇଆର ପ୍ରସଙ୍ଗରେ ବେଞ୍ଚ ତତ୍କାଳିନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ଲମ୍ବିତ ପିଟିସନ ଓ ଏହି ମାମଲାକୁ ଅଗଷ୍ଟ ୨୫ରେ ଶୁଣାଣି କରିବାକୁ ତାରିଖ ପକାଇଛନ୍ତି। ପିଟିସନମାନଙ୍କରେ ସମ୍ବିଧାନର ଆର୍ଟିକିଲ୍ ୧୪, ୧୯ ଓ ୨୧ ଅନୁସାରେ ଅଧିକାରଗୁଡିକୁ ଲାଗୁ କରିବା ପାଇଁ ଦାବି କରାଯାଇଛି। ଏଥିରେ କୁହାଯାଇଛି ଯେ ଏସଆଇଆର ପ୍ରକ୍ରିୟା କାଳରେ ଗଣନା ପର୍ଯ୍ୟାୟରେ ୫୮ଲକ୍ଷରୁ ଅଧିକ ଭୋଟରଙ୍କ ନାମ ହଟାଇ ଦିଆଯାଇଛି। ଦାବି ଓ ଆପତ୍ତି ପର୍ଯ୍ୟାୟରେ ନାମ ଯୋଡିବା ଲାଗି ଫର୍ମ ୬-ଏରେ ୯.୪୬ ଲକ୍ଷ ଲୋକ ଆବେଦନ କରିଥିବା ବେଳେ ନାମ ହଟାଇବା ପାଇଁ ଫର୍ମ ୭ରେ ୯୯ ହଜାରରୁ ଅଧିକ ଆବେଦନ ମିଳିଛି। ତେବେ ୨୮ ଫେବୃୟାରୀରେ ଜାରି ଚୂଡ଼ାନ୍ତ ଭୋଟର ଲିଷ୍ଟରେ କେବଳ ୧.୮୨ଲକ୍ଷ ନାମ ଯୋଡା ଯାଇଛି।

# ବେଆଇନ ଚାଲାଣ ବେଳେ ଉଦ୍ଧାର କରାଯାଇଥିବା ଗୋରୁଙ୍କ କଲ୍ୟାଣ ଓ ଯତ୍ନ ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

**କଟକ, ୧୮/୦୭**
**ନ୍ୟୁଜ ବ୍ୟୁରୋ**

ଗୋ-ଚାଲାଣ ସଂପର୍କିତ ମାମଲାରେ ଉଦ୍ଧାର ହୋଇଥିବା ନିରୀହ ପଶୁଙ୍କ କଲ୍ୟାଣ ଓ ଯତ୍ନ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ଘଟଣାରେ ଜବତ ଗାଡ଼ିକୁ ମାଲିକଙ୍କ ଅନ୍ତରୀଣ ଜିମାରେ ଛାଡ଼ିବାକୁ ହାଇକୋର୍ଟ ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ଗାଡ଼ିର ଅନ୍ତରୀଣ ଜିମା ପାଇବା ପାଇଁ ମାଲିକ ଦେଢ ଲକ୍ଷ ଟଙ୍କା ନିମ୍ନ ଅଦାଲତରେ ଜମା କରିବେ। ଏହି ଅର୍ଥ ଉଦ୍ଧାର କରାଯାଇଥିବା ପଶୁଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ହେବ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଦାନ କରିଥିବା ରାୟରେ ଉଲ୍ଲେଖ କରାଯାଇଛି ଯେ ୫ ଲକ୍ଷ ଟଙ୍କାର ସଂପତ୍ତି ସିକ୍ୟୁରିଟି ସହିତ ଜୀବେ ନିଷ୍ଠୁରତା ନିରୋଧ ନିୟମାବଳୀ, ୨୦୧୭ରେ ଥିବା ବ୍ୟବସ୍ଥା ଅନୁସାରେ ୧ ଲକ୍ଷ ଟଙ୍କା ଜମା କରିବା ପରେ ଗାଡ଼ି ମାଲିକଙ୍କ ଜିମାରେ ଛଡ଼ା ଯିବ। ଆଉ ୫୦ହଜାର ଟଙ୍କା ୫ଟି ସମାନ ମାସିକ କିସ୍ତି(୧୦ ହଜାର ଟଙ୍କା)ରେ ଆବେଦନକାରୀ ଜମା କରିବେ। ଗାଡ଼ି ଜିମାରେ ଛଡ଼ା ଯିବାର ତିନି ମାସ ପରେ ପ୍ରଥମ କିସ୍ତି ଜମା କରାଯିବ। ଯଦି କିସ୍ତି ଜମା କରିବାରେ ଅବହେଳା କରାଯାଏ ତେବେ ଗାଡ଼ି ଜିମାରେ ଛଡ଼ାଯିବା ନିର୍ଦ୍ଦେଶ ପ୍ରତ୍ୟାହୃତ ହେବ ଓ ଏହି ପ୍ରସଂଗରେ ଅଦାଲତ ଆଇନ ଅନୁସାରେ ଅଗ୍ରସର ହେବେ। ଆବେଦନକାରୀ ଜମା କରିବାକୁ ଥିବା ୧ଲକ୍ଷ ଟଙ୍କା ଓ କିସ୍ତି ବାବଦ ଅର୍ଥକୁ ଉଦ୍ଧାର ହୋଇଥିବା ଗୋରୁଙ୍କ ଜିମା ନେଇଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ଗୋରୁଙ୍କ ସୁରକ୍ଷା ଓ ଚିହ୍ନଟ ପ୍ରସଂଗରେ ୨୦୧୭ର ନିୟମାବଳୀ ଅନୁସାରେ ଜିମାଦାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ ପ୍ରସଂଗ ଅଦାଲତ ସୁନିଶ୍ଚିତ କରିବେ। ଜିଲ୍ଲା ଆଇନସେବା ପ୍ରାଧିକରଣ କର୍ତ୍ତୃପକ୍ଷ ଗୋରୁଙ୍କୁ ରଖାଯାଇଥିବା ସ୍ଥାନକୁ ମାସକୁ ଥରେ ପରିଦର୍ଶନରେ ଯାଇ ନିୟମ ଅନୁସାରେ ସେମାନଙ୍କ କଲ୍ୟାଣ ସଂକ୍ରାନ୍ତରେ ଅଦାଲତରେ ରିପୋର୍ଟ ଦାଖଲ କରିବେ। ଯଦି କୌଣସି ଉଲ୍ଲଂଘନ ଦେଖିବାକୁ ମିଳେ ତେବେ ପ୍ରସିକ୍ୟୁସନ ତରଫରୁ ସଂଶୋଧନମୂଳକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ବେଆଇନ ଭାବେ ୭ଟି ଗୋରୁଙ୍କୁ ଚାଲାଣ କରାଯାଉଥିବା ଗାଡ଼ିକୁ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ପୁଲିସ ଜବତ କରିଥିଲା। ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ସେଠାରେ ଗୋଶାଳା ବା ପଶୁଯତ୍ନ କେନ୍ଦ୍ର ନଥିବାରୁ ଉଦ୍ଧାର କରାଯାଇଥିବା ଗୋରୁଙ୍କୁ ଜଣେ ସାମାଜିକ କର୍ମୀଙ୍କ ଜିମାରେ ଛଡ଼ା ଯାଇଥିଲା। ଜବତ ଗାଡ଼ିକୁ ଅନ୍ତରୀଣ ଜିମାରେ ନେବା ପାଇଁ ମାଲିକ ଦାୟର କରିଥିବା ଆବେଦନ ବିଶ୍ରା ଜେଏମଏଫସି ଅଦାଲତ ୨୦୨୬, ମେ ୧୯ରେ ଖାରଜ କରିବା ପରେ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଥିଲା। ଉଦ୍ଧାର ହୋଇଥିବା ଗୋରୁଙ୍କ ରକ୍ଷଣାବେକ୍ଷଣ ଖର୍ଚ୍ଚ ୩ ଲକ୍ଷ ଟଙ୍କା ଆକଳନ କରାଯାଇଥିବା ବେଳେ ଏଥିରୁ ଗାଡ଼ି ମାଲିକ ୫୦ ପ୍ରତିଶତ ଅର୍ଥ ପଇଠ କରିବାକୁ ହେବ ବୋଲି ଶୁଣାଣି ବେଳେ ଦର୍ଶାଯାଇଥିଲା।

# ରଥଯାତ୍ରାରେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣା : ରିପୋର୍ଟ ତଲବ କଲେ ଓଏଚ୍‌ଆର୍‌ସି

**ଭୁବନେଶ୍ୱର, ୧୮/୦୭**
**ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଠେଲାପେଲାରେ ଅଣନିଃଶ୍ୱାସୀ ହୋଇ ୨ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାକୁ ଓଡ଼ିଶା ମାନବିକ ଅଧିକାର ଆୟୋଗ ଗୁରୁତର ସହ ନେଇଛନ୍ତି । ଏହି ଘଟଣାରେ ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ଆବେଦନକୁ ବିଚାର କରି କମିଶନ ରିପୋର୍ଟ ତଲବ କରିଛନ୍ତି। ଗୃହ




ବିଭାଗର ପ୍ରମୁଖ ସଚିବ ଏବଂ ପୁରୀ ଜିଲ୍ଲାପାଳଙ୍କୁ କମିଶନ ଜବାବ ତଲବ କରିଛନ୍ତି। ଆଗାମୀ ଅଗଷ୍ଟ ୨୮ ସୁଦ୍ଧା ଏହି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆହତମାନଙ୍କୁ ଠିକ୍ ଚିକିତ୍ସା ଯୋଗାଇଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବାହୁଡ଼ା ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ଗୃହ ବିଭାଗ, ପୁରୀ ଜିଲ୍ଲାପାଳ ଏବଂ ପୁରୀ ଏସ୍‌ପିଙ୍କୁ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ନିଶିକାନ୍ତ ଏହି ଘଟଣାରେ କମିଶନଙ୍କ ନିକଟରେ ଅଭିଯୋଗ କରି ବିଭିନ୍ନ ଦିଗକୁ ଦର୍ଶାଇ ଏକାଧିକ ଦାବି କରିଥିଲେ। ଘଟଣାରେ ତଦନ୍ତ କରି ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। କମିଶନଙ୍କ ତଦନ୍ତ ଟିମ୍ ଦ୍ୱାରା ନିରପେକ୍ଷ ତଦନ୍ତ କରିବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ସେହିପରି ବିଭିନ୍ନ ଅଧିକାରୀଙ୍କୁ ରିପୋର୍ଟ ତଲବ କରିବାକୁ ମଧ୍ୟ ସେ ଦର୍ଶାଇଥିଲେ। ଜୁଲାଇ ୧୬ (ରଥଯାତ୍ରା) ଦିନ ଅପରାହ୍ନ ପ୍ରାୟ ୨ଟା ବେଳେ ପହଣ୍ଡି ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା। ବଡ଼ଦାଣ୍ଡ ମରିଚିକୋଟ ଛକ ନିକଟରେ ଅତ୍ୟଧିକ ଭିଡ ଯୋଗୁ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ଏଥିରେ ଅନେକ ଭକ୍ତ ଅଣନିଃଶ୍ୱାସୀ ହୋଇ ତଳେ ପଡିଯାଇଥିଲେ। ଅସୁସ୍ଥ ଓ ଆହତମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଦ୍ୱୟ କଟକ ଜିଲ୍ଲା ସିର୍ଲୋ ଗ୍ରାମର ଅନିଲ ଦାସ ଓ ଆନ୍ଧ୍ରପ୍ରଦେଶର ସୂର୍ଯ୍ୟକାନ୍ତ ରାଓ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଭକ୍ତ ଆହତ ମଧ୍ୟ ହୋଇଥିଲେ। ଏହାକୁ ନେଇ ରାଜ୍ୟରେ ଶାସକ ଓ ବିରୋଧୀ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗି ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୮/୦୭/୨୦୨୬
୫,୫୨,୫୭୬/- ଟଙ୍କା
ସୁନା:- ୦୫ଗ୍ରାମ୍ ୧୦୦ ମିଲିଗ୍ରାମ
ରୂପା:- ୦୫ଗ୍ରାମ୍

# ଏସସିବି ଆଇସିୟୁ ଅଗ୍ନିକାଣ୍ଡ ଘଟଣା : ପୁଣି ଦୁଇ ମାସ ବୃଦ୍ଧି ହେଲା କମିଶନଙ୍କ କାର୍ଯ୍ୟକାଳ

**କଟକ, ୧୮/୦୭**
**ନ୍ୟୁଜ ବ୍ୟୁରୋ**

ଏସସିବି ମେଡିକାଲ ଆଇସିୟୁ ଅଗ୍ନିକାଣ୍ଡ ଘଟଣା । ପୁଣି ଦୁଇ ମାସ ବୃଦ୍ଧି ହୋଇଛି ଲକ୍ଷ୍ମୀଧର ବିଶ୍ୱାଳ କମିଶନଙ୍କ କାର୍ଯ୍ୟକାଳ। କାର୍ଯ୍ୟକାଳ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏନେଇ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଆର.କେ. ଶର୍ମାଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ କମିଶନଙ୍କ ଦୁଇ ମାସ ବଢ଼ାଇଥିଲେ ସରକାର । କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ୧୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ମୃତ୍ୟୁ ହୋଇଥିଲା । ଘଟଣାରେ ତଦନ୍ତ ପାଇଁ ଗଠିତ ନ୍ୟାୟିକ ତଦନ୍ତ କମିଶନଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଦ୍ୱିତୀୟ ଥର ପାଇଁ ବୃଦ୍ଧି କରିଛନ୍ତି । ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଗଠିତ ଏକକ ସଦସ୍ୟ ବିଶିଷ୍ଟ କମିଶନଙ୍କୁ ରିପୋର୍ଟ ଦାଖଲ ପାଇଁ ଆଉ ଦୁଇ ମାସ ସମୟ ଦିଆଯାଇଛି। ନୂଆ ବିଜ୍ଞପ୍ତି ଅନୁଯାୟୀ, କମିଶନ ଏବେ ୧୫ ସେପ୍ଟେମ୍ବର ୨୦୨୬ ସୁଦ୍ଧା ତାଙ୍କ ତଦନ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ଗୃହ (ସ୍ୱତନ୍ତ୍ର) ବିଭାଗର ସ୍ୱତନ୍ତ୍ର ସଚିବ ଆର. କେ. ଶର୍ମାଙ୍କ ପକ୍ଷରୁ ଜାରି ହୋଇଥିବା ନୂତନ ବିଜ୍ଞପ୍ତିରେ କୁହାଯାଇଛି, 'କମିଶନଙ୍କ ତଦନ୍ତ କାର୍ଯ୍ୟ



ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ପୂର୍ବରୁ ତଦନ୍ତ ସମାପ୍ତି ପାଇଁ ୧୫ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ତଦନ୍ତ ଚାଲିଥିବାରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ଆହୁରି ଦୁଇ ମାସ ବୃଦ୍ଧି କରିଛନ୍ତି । ଏଥିପାଇଁ ୧୫ ଜୁଲାଇ ପରିବର୍ତ୍ତେ ୧୫ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ରିପୋର୍ଟ ଦାଖଲର ସମୟ ସୀମା ନିର୍ଦ୍ଧାରଣ କରାଯାଇଛି । ଚଳିତ ବର୍ଷ ମାର୍ଚ୍ଚ ୧୬ ତାରିଖରେ ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ ଆଇସିୟୁରେ ଚିକିତ୍ସାଧୀନ ରୋଗୀମାନଙ୍କ ମଧ୍ୟରୁ ୧୦ରୁ ଉର୍ଦ୍ଧ୍ୱଙ୍କ ପ୍ରାଣହାନି ଘଟିଥିଲା। ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅଗ୍ନିକାଣ୍ଡର କାରଣ, ସୁରକ୍ଷା ବ୍ୟବସ୍ଥାର ତ୍ରୁଟି, ହସ୍ପିଟାଲ ପରିଚାଳନାର ଦାୟିତ୍ୱ ଏବଂ ଏଭଳି ଦୁର୍ଘଟଣା ପଛରେ ଥିବା ସମସ୍ତ ପରିସ୍ଥିତିର ତଦନ୍ତ ପାଇଁ ରାଜ୍ୟ ସରକାର ସେହିଦିନ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ନେଇ ନ୍ୟାୟିକ କମିଶନ ଗଠନ କରିଥିଲେ । ପ୍ରାରମ୍ଭିକ ବିଜ୍ଞପ୍ତି ଅନୁସାରେ କମିଶନଙ୍କୁ ୬୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିଲା। ପରେ ତଦନ୍ତ ସମ୍ପୂର୍ଣ୍ଣ ହୋଇନଥିବାରୁ ମେ' ମାସରେ କାର୍ଯ୍ୟକାଳକୁ ୧୫ ଜୁଲାଇ ପର୍ଯ୍ୟନ୍ତ ବଢ଼ାଯାଇଥିଲା । ବର୍ତ୍ତମାନ ଦ୍ୱିତୀୟ ଥର ପାଇଁ ଏହାକୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କମିଶନଙ୍କ ଚୂଡ଼ାନ୍ତ ରିପୋର୍ଟରେ ଅଗ୍ନିକାଣ୍ଡର ପ୍ରକୃତ କାରଣ, କାହାର ଅବହେଳା କିମ୍ବା ତ୍ରୁଟି ଏଥିପାଇଁ ଦାୟୀ, ଭବିଷ୍ୟତରେ ସରକାରୀ ହସ୍ପିଟାଲଗୁଡ଼ିକରେ ଏପରି ଦୁର୍ଘଟଣାକୁ କିପରି ଏଡ଼ାଯାଇପାରିବ, ସୁରକ୍ଷା ବ୍ୟବସ୍ଥାରେ କେଉଁ ପରିବର୍ତ୍ତନ ଆବଶ୍ୟକ, ସେସବୁ ସମ୍ପର୍କରେ ସୁପାରିସ ରହିବ ବୋଲି ଆଶା କରାଯାଉଛି ।

# ସିଏମ୍‌ଓରୁ ଫାଇଲ ଚୋରି ଘଟଣା: କ୍ୟାପିଟାଲ ଥାନାରେ ହାଜର ହେଲେ ପୂର୍ବତନ ଆଇଟି ସଚିବ

**ଭୁବନେଶ୍ୱର, ୧୮/୦୭**
**ନ୍ୟୁଜ ବ୍ୟୁରୋ**



ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ଅନ୍ୟମାନଙ୍କ ହତ୍ୟା ମାମଲାରେ ଜଷ୍ଟିସ୍ ନାଇଡୁ କମିଶନ ରିପୋର୍ଟ ଏବଂ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାରେ ଆରଡିସି ତଦନ୍ତ ରିପୋର୍ଟ ହଜିବା ଘଟଣାରେ କମିଶନରେଟ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି । ଏହି ମାମଲାରେ ନୋଟିସ୍ ପାଇଥିବା ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ର ଶନିବାର କ୍ୟାପିଟାଲ ଥାନାରେ ହାଜର ହୋଇଛନ୍ତି । ମନୋଜଙ୍କୁ ମଧ୍ୟାହ୍ନରେ ପୋଲିସ ଟିମ୍ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ପଚରାଉଚରା କରି ତଥ୍ୟ ହାସଲ କରିଛି । ଏନେଇ ମନୋଜ ମିଶ୍ର ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଦୁଇ ଫାଇଲ ହଜିଥିବା ନେଇ ଏଫଆଇଆର ହୋଇଥିଲା। ସେହି ଆଧାରରେ ସିଏମ୍‌ଓରେ ଥିବା ସମସ୍ତ ଅଫିସରମାନଙ୍କୁ ପଚରାଉଚରା କରାଯାଉଛି । ଏହି ଆଧାରରେ ପୋଲିସ ଡାକିଥିବାରୁ ଆମେ ଆସି ସହଯୋଗ କରୁଛୁ । ଘଟଣାର ତଦନ୍ତ ହେଉଥିବାରୁ ଏବେ ବିସ୍ତୃତ ଭାବେ କିଛି କହିବା ଠିକ୍ ହେବନାହିଁ ବୋଲି ସେ କହିଛନ୍ତି । କିଛି ଦିନ ତଳେ ପୋଲିସ ପକ୍ଷରୁ ପୂର୍ବତନ ପ୍ରମୁଖ ସଚିବ ରାଜେଶ ବର୍ମାଙ୍କୁ ମଧ୍ୟ ନୋଟିସ୍ ହୋଇଛି। ସେ ଆଉ କିଛି ଦିନ ଭିତରେ ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି। ସେହିପରି ଆଉ କିଛି ଅଧିକାରୀଙ୍କୁ ମଧ୍ୟ ନୋଟିସ୍ କରାଯାଇପାରେ ବୋଲି ଜଣେ ଅଧିକାରୀ କହିଛନ୍ତି । ଘଟଣାକୁ କେନ୍ଦ୍ର କରି ଜୁନ୍ ୧୦ ତାରିଖରେ କ୍ୟାପିଟାଲ ଥାନାରେ ମାମଲା ରୁଜୁ କରାଯାଇଥିଲା। ଏନେଇ ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାର୍ଣ୍ଡିଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା ଦଫା ୩୦୫, ୩୧୬ (୨), ୩୩୮(ଉ), ୨୪୧, ୬୧(୨)(ବି)ରେ ମାମଲା (ନଂ.୪୬୦/୨୦୨୬) ରୁଜୁ କରାଯାଇ ତଦନ୍ତ ହେଉଛି । ଏହାପୂର୍ବରୁ ପୋଲିସ ଟିମ୍ ଲୋକସେବା ଭବନ ଯାଇ ଗୃହ ବିଭାଗ ଏବଂ ଜିଏ ବିଭାଗରେ ମଧ୍ୟ ତଦନ୍ତ କରିଥିଲା । ୨୦୧୬ ସେପ୍ଟେମ୍ବର ୧୬ରେ ମୁଖ୍ୟ ଶାସନ ସଚିବଙ୍କୁ ନାଇଡୁକମିଶନ ରିପୋର୍ଟ ଦିଆଯାଇଥିଲା । ସେପ୍ଟେମ୍ବର ୧୯ରେ ଏହି ଫାଇଲକୁ ସିଏମ୍‌ଓକୁ ପଠାଯାଇଥିଲା। ସେହିପରି ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣାରେ ଆର୍‌ଡିସି ତଦନ୍ତ ରିପୋର୍ଟ ୨୦୧୮ ମେ' ୨୩ରେ ମୁଖ୍ୟ ଶାସନ ସଚିବଙ୍କୁ ଦିଆଯାଇଥିଲା। ଏହାକୁ ସେହି ବର୍ଷ ମେ'୨୪ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।


ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କଲରାପତରିଆଙ୍କ ସୁରକ୍ଷିତ ଆବାସ ତାମଡ଼ା ରେଞ୍ଜ

**ରାଉରକେଲା, ୧୮/୦୭**
**ନ୍ୟୁଜ ବ୍ୟୁରୋ**

ଶିକାରୀଙ୍କ ପ୍ରାଦୁର୍ଭାବ, ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ ଚୋରାଚାଲାଣ ଏବଂ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ଅସ୍ତିତ୍ୱ ସଙ୍କଟ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ବାଘକୁ ନେଇ ଆସିଛି ଖୁସିଖବର । ଜୈବ ବିବିଧତା ଭରା ଗୁରୁଣ୍ଡିଆର ତାମଡ଼ା ରେଞ୍ଜ ଏବେ କଲରାପତରିଆଙ୍କ ସୁରକ୍ଷିତ ଆବାସ ପାଲଟିଛି । ତାମଡ଼ା ରେଞ୍ଜଠାରୁ ସୋଲ ସଂରକ୍ଷିତ ଜଙ୍ଗଲ ଅର୍ଥାତ୍ ପ୍ରାୟ ୩୫ କିମି ଜଙ୍ଗଲ ପରିଧିରେ ପ୍ରାୟ ୧୦ଟି କଲରାପତରିଆ ଅବାଧରେ ବିଚରଣ କରୁଛନ୍ତି । ବନ ବିଭାଗ ପକ୍ଷରୁ ଖଞ୍ଜା ଯାଇଥିବା ଟ୍ରାପ୍ କ୍ୟାମେରାରେ ବାଘଙ୍କ ଗତିବିଧି କଏଦ ହୋଇଛି । ଜଙ୍ଗଲରେ ବାଘ ସଂଖ୍ୟା ବଢୁଥିବାବେଳେ ସେମାନଙ୍କ ସୁରକ୍ଷା ଚ୍ୟାଲେଞ୍ଜ ପାଲଟିଛି । ବଛା ବଛା କର୍ମଚାରୀଙ୍କୁ ନେଇ ଗଠିତ ବନ ବିଭାଗର ୫ଟି ଟିମ୍ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ବଣାଇଁ ବନଖଣ୍ଡ ତାମଡ଼ା ରେଞ୍ଜ ଅନ୍ତର୍ଗତ ଗୁରୁଣ୍ଡିଆ ଗ୍ରାମର ଅଗଷ୍ଟୁସ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ଗାଈକୁ ଗତ ୧୪ତାରିଖରେ ଶିକାର କରିଥିଲା କଲରାପତରିଆ। ୧୫ ତାରିଖ ସକାଳେ ଗ୍ରାମବାସୀ ଗାଈର ମୃତଦେହ ଠାବ କରିଥିଲେ । ଆଖପାଖରେ ପଡ଼ିଥିବା ପାଦଚିହ୍ନରୁ ଯାଞ୍ଚ ପରେ ବନ କର୍ମଚାରୀ ଏହାକୁ କଲରାପତରିଆର ବୋଲି ସ୍ପଷ୍ଟ କରିଥିଲେ । ବାଘର ଶିକାର ପ୍ରବୃତ୍ତି ଏବଂ ଜନବସତିରେ ପ୍ରବେଶ ପରେ ସତର୍କ ହୋଇ ଉଠିଥିଲା ବନ ବିଭାଗ । କଲରାପତରିଆକୁ ଠାବ କରିବା ଲାଗି



ବିଭିନ୍ନ ସ୍ଥାନରେ ୭ଟି ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଥିଲା। ୧୫ ତାରିଖ ରାତିରେ ଗାଈ ଶିକାର କରିଥିବା ବାଘ କ୍ୟାମେରାରେ କଏଦ ହୋଇଥିଲା । ଉକ୍ତ ବାଘ ଛତିଶଗଡ଼ରୁ ସୋଲ ସଂରକ୍ଷିତ ଜଙ୍ଗଲ ଦେଇ ଗୁରୁଣ୍ଡିଆ ଜଙ୍ଗଲକୁ ଆସିଥିବା ଜଣାପଡ଼ିଛି । ଓଡ଼ିଶା-ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳରେ ଭରପୂର ମାତ୍ରାରେ ଅଛନ୍ତି ତୃଣଭୋଜୀ ପ୍ରାଣୀ । ହରିଣ, କୁଟୁରା, ଠେକୁଆ ଭଳି ପ୍ରାଣୀ ବାଘଙ୍କୁ ଆକର୍ଷିତ କରୁଛନ୍ତି । ଛୋଟ ଛୋଟ ନଦୀ, ଜଳାଶୟ, କଲରାପତରିଆଙ୍କ ଶୋଷ ମେଣ୍ଟାଉଛି । ଖାଦ୍ୟ-ପାନୀୟ ଅଭାବ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳରେ ବାଘ ବଂଶ ବଢୁଥିବା ଜଣାପଡ଼ିଛି । ଏବେ ସେମାନଙ୍କୁ ଶିକାରୀଙ୍କ ମୁହଁରୁ ବଞ୍ଚାଇବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ପାଲଟିଛି । ଉଲ୍ଲେଖଯୋଗ୍ୟ, ଭାରତୀୟ କଲରାପତରିଆ ବର୍ଷତମାମ ମିଳନ କରୁଥିଲେ ମଧ୍ୟ ଏହି ପ୍ରକ୍ରିୟା ଶୀତଦିନେ ଶୀର୍ଷସ୍ତର ଛୁଇଁଥାଏ । ସାଧାରଣତଃ ୯୦ରୁ ୧୧୦ ଦିନ ଗର୍ଭଧାରଣ ପରେ ଛୁଆ ଜନ୍ମ ହୋଇଥାଏ । ମିଳନ ପ୍ରକ୍ରିୟା ଏବଂ ଛୁଆ ଜନ୍ମ ସମୟରେ ମାଈ କଲରାପତରିଆ ଅଧିକ ଆକ୍ରାମଣାତ୍ମକ ହୋଇଥାଆନ୍ତି । ଖାଦ୍ୟଶୃଙ୍ଖଳରେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ନିୟନ୍ତ୍ରଣ, ଚାରଣଭୂମି ଏବଂ ଇକୋସିଷ୍ଟମ୍ ସୁରକ୍ଷାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏ ନେଇ ବଣାଇଁ ଡିଏଫ୍‌ଓ ଯଶବନ୍ତ ସେଠୀ କହିଛନ୍ତି, ତାମଡ଼ା ରେଞ୍ଜରୁ ସୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୮ରୁ ୧୦ଟି କଲରାପରିଆ ବୁଲୁଛନ୍ତି । ଗୁରୁଣ୍ଡିଆ ଜଙ୍ଗଲକୁ ଚାଲିଆସିଥିବା କଲରାପତରିଆ ଉପରେ ନଜର ରଖାଯାଇଛି । ଏହି ବାଘ କେତେବେଳେ ଦେବଗଡ଼ ଜଙ୍ଗଲକୁ ପଳାଉଛି ତ ପୁଣି କେତେବେଳେ ଏଠାକୁ ଚାଲିଆସୁଛି । ବାଘ ଆକ୍ରମଣ ଆଶଙ୍କା ଥିବାରୁ ଗ୍ରାମବାସୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ବନ ବିଭାଗର ୫ଟି ଟିମ୍ ନିୟମିତ ପାଟ୍ରୋଲିଂ କରୁଛନ୍ତି । ଗ୍ରାମବାସୀଙ୍କୁ ଜଙ୍ଗଲକୁ ନ ଯିବାକୁ ସତର୍କ କରାଯାଇଛି। ଗୃହପାଳିତ ପ୍ରାଣୀଙ୍କୁ ଗୁହାଳରେ ବାନ୍ଧି ରଖିବାକୁ ପରାମର୍ଶ ଦିଆଯାଇଛି।